Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୧୩, ଭୁବନେଶ୍ୱର, ୧୨ ରୁ ୧୮ ଫେବୃଆରୀ, ୨୦୨୪ Vol-1, Issue-13, Bhubaneswar, 12 to 18 February , 2024

## ଓଡ଼ିଶାରେ ଏଥର ୬୦ପ୍ରତିଶତ ବୁଥରେ ରହିବ ୱେବକାଷ୍ଟିଂ,

# ପକ୍ଷପାତ କରିପାରିବ ନାହିଁ ପ୍ରଶାସନ: ସିଇସି




**ଭୁବନେଶ୍ୱର (ଭିଓଭି):** ଓଡ଼ିଶାରେ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ନିର୍ବାଚନ କମିଶନ ମଧ ନିର୍ବାଚନ କରାଇବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଏଥର ରାଜ୍ୟରେ ମୋଟ ୩୭୮୦୯ଟି ମତଦାନ କେନ୍ଦ୍ର ମଧ୍ୟରୁ ୨୨୬୮୫ଟି ମତଦାନ କେନ୍ଦ୍ର(୬୦%)ରେ ୱେବକାଷ୍ଟିଂର ସୁବିଧା ରହିବ । କୌଣସି ଏକ ନିର୍ଦ୍ଦିଷ୍ଟ ଦଳକୁ ସୁହାଇବା ଭଳି କୌଣସି ପକ୍ଷପାତ ନିଷ୍ପତ୍ତି ପ୍ରଶାସନ ନେଇପାରିବ ନାହିଁ । ଏହାଉପରେ କମିଶନଙ୍କ ତୀକ୍ଷ୍ଣ ନଜର ରହିବ । ଏଭଳି କିଛି ସୂଚନା ଦେଇଛନ୍ତି ଜାତୀୟ ନିର୍ବାଚନ କମିଶନ ।।

ରାଜ୍ୟରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଜାତୀୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି ଯେ, ଓଡ଼ିଶାର ବିଭିନ୍ନ ରାଜନୀତିକ ଦଳକୁ ନିର୍ବାଚନ କମିଶନ ଭେଟିଛନ୍ତି । ସେମାନଙ୍କର ବିଭିନ୍ନ ମତାମତ ଓ ଅଭିଯୋଗ କମିଶନଙ୍କ ନଜରକୁ ଆସିଛି । ବିଜେପି, କଂଗ୍ରେସ ଓ ବିଜେଡି ସମେତ ଆପ୍ , ବିଏସପି ଓ ସିପିଏମ୍ ଦଳ ନିଜର ପକ୍ଷ କମିଶନଙ୍କ ପାଖରେ ରଖିଛନ୍ତି । କେତେକ ଦଳ ନିର୍ଦ୍ଦିଷ୍ଟ ଭାବେ ରାଜ୍ୟରେ ନିର୍ବାଚନ ସମୟରେ ନିରପେକ୍ଷତା ଅବଲମ୍ବନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାସହିତ ଆମ୍ବୁଲାନ୍ସ ଓ ସରକାରୀ ଗାଡ଼ିରେ କିଛି ଅସାଧୁ କାରବାର ହେଉଥିବାର ଅଭିଯୋଗ କରିଛନ୍ତି । ପ୍ରଶାସନର ପକ୍ଷପାତିତା ଯୋଗୁ ନିର୍ବାଚନ ସମୟରେ ସଭା ଆଦି କରିବା ପାଇଁ ସ୍ଥାନ ମିଳୁନଥିବା ମଧ ରାଜନୀତିକ ଦଳ କହିଛନ୍ତି । ଯାହାକୁ କମିଶନ ଗୁରୁତ୍ୱର ସହ ନେଇଛନ୍ତି । ସମସ୍ତ ଜିଲ୍ଲାପାଳ (ଜିଲ୍ଲା ନିର୍ବାଚନ ଅଫିସର) ଓ ପୁଲିସ ଏସପି, ଆଇଜି ଓ କମିଶନରମାନଙ୍କ ସହ ବୈଠକ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଏନଫୋର୍ସମେଂଟ ଏଜେନ୍ସୀ, ଶେଷରେ ପୁଲିସ ଡିଜି, ମୁଖ୍ୟ ସଚିବ ଓ ବିଭିନ୍ନ ବିଭାଗର ସଚିବଙ୍କ ସହ କମିଶନ କଥା ହୋଇ ରାଜ୍ୟରେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ପରାମର୍ଶ ଦେଇଛନ୍ତି ।

ଶ୍ରୀ କୁମାର କହିଛନ୍ତି ଯେ, ରାଜ୍ୟରେ ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ୨୦୨୪ରେ ୪.୪% ଭୋଟର ବୃଦ୍ଧି ପାଇଛନ୍ତି । ଭୋଟରଙ୍କ ସଂଖ୍ୟା ୩.୧୮କୋଟିରୁ ୩.୩୨କୋଟିକୁ ବୃଦ୍ଧି ହୋଇଛି । ଏଥିରେ ୧.୬୮କୋଟି ପୁରୁଷ ଓ ୧.୬୪କୋଟି ମହିଳା ଭୋଟର ଅଛନ୍ତି । ୪୩ଟି ବିଧାନସଭା ମଣ୍ଡଳୀରେ ମହିଳା ଭୋଟରଙ୍କ ଆନୁପାତିକ ହାର ପ୍ରାୟ ଏକ ହଜାର ରହିଛି । ମହିଳା ଭୋଟରଙ୍କ ସଂଖ୍ୟାରେ ଆଖିଦୃଶିଆ ବୃଦ୍ଧି ହୋଇଛି । ରାଜ୍ୟରେ ୩୩୮୦ଜଣ ତୃତୀୟ ଲିଙ୍ଗ ଭୋଟର, ୯୦୬୦ଜଣ ଶତାୟୁ ଭୋଟର, ୪.୫୮ଲକ୍ଷ ଦିବ୍ୟାଙ୍ଗ ଭୋଟର ଏବଂ ୧୮-୧୯ବର୍ଷ ମଧ୍ୟରେ ୭.୫୫ଲକ୍ଷ ଭୋଟର ଥିବା କମିଶନର କହିଛନ୍ତି । ଭୋଟଗ୍ରହଣ କେନ୍ଦ୍ରରେ ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥା ରହିବ ।

ରାଜ୍ୟରେ ମୋଟ ୩୭୮୦୯ଟି ମତଦାନ କେନ୍ଦ୍ର ଚିହ୍ନଟ ହୋଇଛି । ଏହି କେନ୍ଦ୍ର ମଧ୍ୟରୁ ୩୩୪୬୯ଟି କେନ୍ଦ୍ର ଗ୍ରାମାଂଚଳରେ ଓ ୪୩୪୦ଟି ସହରାଂଚଳରେ ରହିଛି । ଗୋଟିଏ ମତଦାନ କେନ୍ଦ୍ରରେ ହାରାହାରି ୮୭୯ଜଣ ଭୋଟର ଅଛନ୍ତି । ୱେବକାଷ୍ଟିଂ ସୁବିଧା ୨୨୬୮୫ଟି କେନ୍ଦ୍ରରେ କରାଯିବ, ଯାହାଫଳରେ ନିର୍ବାଚନ କମିଶନ ତାଙ୍କ ଅଫିସରୁ ଏହି କେନ୍ଦ୍ର ଉପରେ ନଜର ରଖିପାରିବେ । ମହିଳାମାନଙ୍କ ଦ୍ୱାରା ପ୍ରାୟ ୪ହଜାର ମତଦାନ କେନ୍ଦ୍ରର ପରିଚାଳନା କରାଯିବ । ୭୦୦ଟି ମଡେଲ ମତଦାନ କେନ୍ଦ୍ର ଚିହ୍ନଟ ହୋଇଛି ।

କେବଳ ସେତିକି ନୁହେଁ, ରାଜ୍ୟର ୧୫ଟି ଜିଲ୍ଲା ସୀମାନ୍ତବର୍ତ୍ତୀ ରାଜ୍ୟ ସହ ଜଡ଼ିତ ଥିବାରୁ ମୋଟ ୧୫୬ଟି ଟିମ୍ ଗଠନ କରାଯାଇଛି । ସବୁ ଏନଫୋର୍ସମେଂଟ ଏଜେନ୍ସୀ ଓ ପୁଲିସକୁ ନେଇ ଗଠିତ ଏହି ଟିମ୍ ସୀମାବର୍ତ୍ତୀ ଜିଲ୍ଲାରେ ପ୍ରତ୍ୟେକଟି ଅନିୟମିତତା ଓ ନିଶାଦ୍ରବ୍ୟ କାରବାର ଉପରେ ନଜର ରଖିବେ । କୌଣସି ଏଜେନ୍ସୀ ସେମାନଙ୍କର ଅଧିକାରଭୁକ୍ତ ନୁହେଁ କହି ଖସିପାରିବେ ନାହିଁ । ସମସ୍ତେ ମିଳିତ ଭାବେ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି ।

ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ କରିବା ସହ ସବୁ ରାଜନୀତିକ ଦଳ ପାଇଁ ସମାନ ନୀତି ଆପଣାଇବାକୁ ନିର୍ବାଚନ କମିଶନର ସମସ୍ତ ଜିଲ୍ଲାପାଳ ଓ ପୁଲିସ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନରେ ଯେଭଳି କୌଣସି ହିଂସା ନହେବ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି । ରାଜନୀତିକ ଓ ସରକାରୀ କାର୍ଯ୍ୟକ୍ରମ ମଧ୍ୟରେ ପାର୍ଥକ୍ୟ ରକ୍ଷା କରିବା, ଇଭିଏମ୍-ଭିଭିପାଟ୍ ରହୁଥିବା ସ୍ଥାନରେ ତିନିଥାକିଆ ସୁରକ୍ଷା ବ୍ୟବସ୍ଥା ସହ ମତଦାନ ପରେ ଇଭିଏମକୁ ଭଲଭାବେ ସିଲ୍ କରି ରାଜନୀତିକ ଦଳର ଏଜେଣ୍ଟମାନଙ୍କୁ ଫର୍ମ ୧୭(ଗ)ରେ ଭୋଟ ପରିମାଣ ସମ୍ପର୍କରେ ତଥ୍ୟ ଦେବାକୁ କୁହାଯାଇଛି ।

ପେଡ୍ ନ୍ୟୁଜ ଓ ପ୍ରାର୍ଥୀଙ୍କ ଆତ୍ମପ୍ରଚାର ଖର୍ଚ୍ଚ ଉପରେ ନଜର ରଖି ସେସବୁକୁ ସେମାନଙ୍କ ନିଜସ୍ୱ ଖର୍ଚ୍ଚରେ ସାମିଲ କରାଇବାକୁ କୁହାଯାଇଛି । ସରକାରୀ କଳ ଯେଭଳି କୌଣସି ଦଳର ପ୍ରଚାର ଓ ବିଜ୍ଞାପନ ନଦେବ ତାହା ସୁନିଶ୍ଚିତ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି ।

# ମଧ୍ୟାହ୍ନଭୋଜନ ପାଚିକା-ସହାୟିକାଙ୍କ ପାରିଶ୍ରମିକ ଓ କୃଷକସାଥୀଙ୍କ ସହାୟତା ରାଶି ବଢ଼ିଲା

**ଭୁବନେଶ୍ୱର (ଭିଓଭି):** ସାଧାରଣ ନିର୍ବାଚନ ପୂର୍ବରୁ କ୍ଷମତାସୀନ ବିଜେଡି ସରକାର ସବୁ ବର୍ଗକୁ ଖୁସି କରିବାକୁ ଜୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି । କୃଷକସାଥୀ, ମଧ୍ୟାହ୍ନଭୋଜନରେ କାର୍ଯ୍ୟରତ ପାଚିକା ଓ ସହାୟିକାମାନଙ୍କର ପାରିଶ୍ରମିକ ବୃଦ୍ଧି କରିଛନ୍ତି । ଗତ କିଛିଦିନ ଧରି ରାଜ୍ୟ ସରକାର ସବୁବର୍ଗକୁ ତୁଷ୍ଟୀକରଣ ପାଇଁ ରାଜ୍ୟ ରାଜକୋଷକୁ ଉନ୍ମୁକ୍ତ କରିଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁସାରେ, ମଧ୍ୟାହ୍ନଭୋଜନ ଯୋଜନାରେ ସ୍କୁଲରେ ନିୟୋଜିତ ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ରାଶି ବୃଦ୍ଧି କରାଯାଇଛି । ପାଚିକା ଓ ସହାୟିକାମାନଙ୍କ ପାରିଶ୍ରମିକ ପରିମାଣ ୧୪୦୦ଟଙ୍କାରୁ ୨ହଜାର ଟଙ୍କାକୁ ବୃଦ୍ଧି ହୋଇଛି । ସେହିପରି ଯଦି କୌଣସି ପାଚିକା ଓ ସହାୟିକାଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ହୁଏ ସେମାନଙ୍କ ପରିବାର ସଦସ୍ୟଙ୍କୁ ୧ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ସରକାର ଯୋଗାଇ ଦେବେ । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ପ୍ରାୟ ମୋଟ ୫୫ହଜାର ସ୍କୁଲରେ କାର୍ଯ୍ୟରତ ୧.୧୦ଲକ୍ଷ ପାଚିକା ଓ ସହାୟିକାମାନେ ଉପକୃତ ହେବେ । ରାଜ୍ୟ ସରକାରଙ୍କୁ ଏଥିପାଇଁ ବର୍ଷକୁ ୭୪କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିବ । ଏହି




ବର୍ଦ୍ଧିତ ପାରିଶ୍ରମିକ ପିଛିଲା ଭାବେ ୨୦୨୩ ଅକ୍ଟୋବର ମାସରୁ ଲାଗୁ ହେବ । ସେହିପରି ରାଜ୍ୟରେ ପଂଚାୟତସ୍ତରରେ କାର୍ଯ୍ୟରତ 'କୃଷକ ସାଥୀ'ମାନଙ୍କର ପାଇଁ ସହାୟତା ରାଶି ପରିମାଣ ବୃଦ୍ଧି ହୋଇଛି । କୃଷକସାଥୀମାନଙ୍କ ଆବଶ୍ୟକ ଖର୍ଚ୍ଚ ପାଇଁ ସହାୟତା ରାଶି ପରିମାଣ ବର୍ଷକୁ ୧୨ହଜାର ଟଙ୍କା ପରିବର୍ତ୍ତେ ୧୮ହଜାର ଟଙ୍କାକୁ ବୃଦ୍ଧି ହୋଇଛି । ଏହି ବର୍ଦ୍ଧିତ ରାଶି ୨୦୨୩ ଅକ୍ଟୋବର ମାସରୁ ଲାଗୁ ହେବ । ଏହାଦ୍ୱାରା ରାଜ୍ୟର ୧୩୬୦୦ କୃଷକ ସାଥୀ ଉପକୃତ ହେବେ । ୨୦୦୭-୦୮ ମସିହାରେ ରାଜ୍ୟ ସରକାର କୃଷି ପ୍ରସାରଣ କାର୍ଯ୍ୟରେ ସହାୟତା ପାଇଁ ରାଜ୍ୟର ଅଗ୍ରଣୀ ଚାଷୀମାନଙ୍କୁ କୃଷକ ସାଥୀ ଭାବେ ନିଯୁକ୍ତି ଦେଇଥିଲେ । ପ୍ରତ୍ୟେକ ପଂଚାୟତରେ ୨ଜଣ ଲେଖାଏଁ କୃଷକ ସାଥୀ କାର୍ଯ୍ୟ କରୁଛନ୍ତି ।

# ସଂ ପା ଦ କୀ ୟ

୧୨ ରୁ ୧୮ ଫେବୃଆରୀ ୨୦୨୪

## ସ୍ଥାନ, କାଳ ଓ ପାତ୍ର

ଏକ ବୁଭୁକ୍ଷୁ ଭାରତକୁ କ୍ଷୁଧାମୁକ୍ତ ଏବଂ ବଳକା ଖାଦ୍ୟର ରାଷ୍ଟ୍ରରେ ପରିଣତ କରିଥିବା ଏହି ବୈଜ୍ଞାନିକଙ୍କ ପାତ୍ରତା ତ ସଂପୂର୍ଣ୍ଣ ପ୍ରଶ୍ନାତୀତ, ତେବେ ଯାହା ତାଙ୍କ ବିପକ୍ଷରେ ଯାଇଛି, ତାହା ହେଲା ତାଙ୍କ ଜନ୍ମ ମାଟି ତାମିଲନାଡୁ; କାରଣ କେତେକ ଅତି ସୂକ୍ଷ୍ମବୁଦ୍ଧିସଂପନ୍ନ ବିଶେଷଜ୍ଞଙ୍କ ମତରେ ସ୍ୱାମୀନାଥନଙ୍କ ମନୋନୟନ ପଛରେ କୁଆଡ଼େ ରହିଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା 'ତାମିଲ ତୁଷ୍ଟୀକରଣ'ର ଉଦ୍ୟମ; ସେହି କ୍ରମରେ ତାମିଲନାଡୁ ଦଖଲ ଦିଗରେ ଏକ କ୍ଷୁଦ୍ର ପଦପାତ! ଏହା ମଧ୍ୟ ହେଉଛି, ୨୦୨୪ ମସିହାରେ, ଠିକ୍ ନିର୍ବାଚନ ପୂର୍ବରୁ ସମ୍ମାନିତ ହେବାର ଦୁର୍ଭାଗ୍ୟ!

ଗତ କିଛି ଦିନ ତଳେ 'ଭାରତରତ୍ନ' ସକାଶେ ଆଉ ତିନିଟି ନାମ ଘୋଷିତ ହେବା ପରେ ଏ ସଂଦର୍ଭରେ ଯେଉଁଭଳି ଘମାଘୋଟ ଆଲୋଚନା ଏବଂ ବିତର୍କମାନ ସୃଷ୍ଟି ହୋଇଛି, ସମ୍ଭବତଃ 'ଭାରତରତ୍ନ' ସମ୍ମାନର ଇତିହାସରେ ପୂର୍ବରୁ କଦାଚିତ୍ ଘଟିଥିବ ଅବା! ଏହି ଚର୍ଚ୍ଚାର କଳରବ ମଧ୍ୟରେ ଶ୍ରୁତିଗୋଚର ହୋଇଥାଏ, କିଭଳି ଚଳିତ ବର୍ଷର ନିଷ୍ପତ୍ତି ପଛରେ ଗୂଢ଼ ରାଜନୈତିକ ଅଭିସନ୍ଧି ନିହିତ। ସୁତରାଂ, ଏହି ପ୍ରକରଣରେ 'ଭାରତରତ୍ନ' ଭଳି ରାଷ୍ଟ୍ରର ସର୍ବୋଚ୍ଚ ସମ୍ମାନ ଏବଂ ଏହି ସମ୍ମାନ ଲାଭ କରିବା ଲାଗି ଯୋଗ୍ୟତା ସତ୍ତ୍ୱେ ମନୋନୀତ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଗରିମା ହାନିର ଶିକାର ହୋଇଛନ୍ତି! ତେବେ, ଏଭଳି ଧାରଣା ବା ମନ୍ତବ୍ୟ ବା ତର୍କମାନ କ'ଣ ଯଥାର୍ଥ? ଏଠାରେ ଅନ୍ତତଃ ଏହି ପ୍ରଶ୍ନର ଉତ୍ତର ଖୋଜିବାର ପ୍ରୟାସ କରାଯାଉ।

ଅନେକତ୍ର ଏଭଳି ଏକ ଧାରଣା ସୃଷ୍ଟି ହୋଇଛି ଯେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ମନୋନୟନ କରାଯାଇଛି, ଯଦ୍ଦ୍ୱାରା ବିରୋଧୀ ଇନ୍.ଡି. ମେଣ୍ଟ ହୀନବଳ ହୋଇଯିବ; ଯେମିତି କର୍ପୂରୀ ଠାକୁରଙ୍କ ନାମ ଘୋଷଣା ସହିତ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡି-ୟୁ ନେତା ନୀତୀଶ କୁମାର ଇନ୍.ଡି. ମେଣ୍ଟକୁ ତ୍ୟାଜ୍ୟ କରି ଏନ୍.ଡି. ମେଣ୍ଟରେ ଯୋଗ ଦେଇଛନ୍ତି ବା ଚୈାଧୁରୀ ଚରଣ ସିଂହ ଏହି ସମ୍ମାନରେ ଭୂଷିତ ହେବା ଜାଣି 'ଆର୍.ଏଲ୍.ଡି.' ନେତା ଜୟନ୍ତ ସିଂହ ତତ୍କ୍ଷଣାତ୍ ନୀତୀଶ-ତୁଲ୍ୟ ପଦକ୍ଷେପ ନେବାର ଇଙ୍ଗିତ ପ୍ରଦାନ କରିସାରିଲେଣି। ସୁତରାଂ, ଅନେକ ପର୍ଯ୍ୟବେକ୍ଷକ ଏହି ସମ୍ମାନ ଲାଗି ନାମ ଘୋଷଣାର 'ସମୟ' ବା 'କାଳ'ର ପ୍ରାସଙ୍ଗିକତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି; ଅର୍ଥାତ୍ ନିର୍ବାଚନର ଦ୍ୱାରଦେଶରେ ରାଷ୍ଟ୍ର ଉପନୀତ ହୋଇଥିବାର ଘଡ଼ିସନ୍ଧି ମୁହୂର୍ତ୍ତ; ଯେଉଁ ସମୟରେ ଏଭଳି ଘୋଷଣା ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରେ। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ମନୋନୟନ ନେଇ କ'ଣ ଏଭଳି ଆରୋପ ଲଗାଯାଇ ପାରିବ କାରଣ ବାସ୍ତବରେ ଏହା ହେଉଛି ଅତୀତରେ କଂଗ୍ରେସ ଦ୍ୱାରା ହୋଇଥିବା ତ୍ରୁଟିର ପରିମାର୍ଜନ, ଯହିଁରେ 'ସମୟ' ବା 'ଅସମୟ' ବୋଲି କିଛି ନ ଥାଏ। ତଥାପି, ପ୍ରଶ୍ନ ଉଠିଥାଏ ଯେ ଯଦି ଏହା ସତ୍ୟ, ତେବେ ଦୁଇ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୧ ମସିହାରେ ସ୍ୱର୍ଗତ ରାଓଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ତେଲେଙ୍ଗାନା ବିଧାନସଭାରେ ସର୍ବସମ୍ମତି କ୍ରମେ ଗୃହୀତ ଏହି ସମ୍ମାନ ସକାଶେ ତାଙ୍କ ନାମର ପ୍ରସ୍ତାବ ପ୍ରତି ସେତେବେଳେ ଏହି ସରକାର ଦ୍ୱାରା ଦୃଷ୍ଟି ଦିଆଯାଇ ନ ଥିଲା କାହିଁକି? ସୁତରାଂ, ଏହା ସମ୍ଭବତଃ ହେଉଛି ନିର୍ବାଚନ ପୂର୍ବରୁ କଂଗ୍ରେସର ସେହି ପକ୍ଷଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାର ପ୍ରଚ୍ଛନ୍ନ ଉଦ୍ୟମ, ଯେଉଁମାନେ ରାଓଙ୍କ ପ୍ରତି କଂଗ୍ରେସ ଦ୍ୱାରା ପ୍ରଦର୍ଶିତ ତୀବ୍ର ତିତିକ୍ଷା କାରଣରୁ ମୁହ୍ୟମାନ ହୋଇ ରହିଥିଲେ। ସୁତରାଂ, ନାମ ଘୋଷଣାର 'ସମୟ' ବା 'କାଳ' ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏବେ ପୁରସ୍କାରର 'ପାତ୍ର'ମାନଙ୍କ ବିଷୟରେ ଆଲୋଚନା କରାଯାଉ। ଅନେକଙ୍କ ମତରେ ସ୍ୱର୍ଗତ କର୍ପୂରୀ ଠାକୁର ବା ସ୍ୱର୍ଗତ ଚୈାଧୁରୀ ଚରଣ ସିଂହ ବା ଏପରିକି ସ୍ୱର୍ଗତ ପି.ଭି. ନରସିଂହ ରାଓଙ୍କୁ ଉପେକ୍ଷାର ଅନ୍ଧକାର ମଧ୍ୟରୁ ଔଜ୍ଜ୍ୱଲ୍ୟକୁ ଘେନି ଆଣିବା ଏକ ବିରଳ ସଂବେଦନଶୀଳତା ଏବଂ ଔଚିତ୍ୟବୋଧର ସଂକେତ; କାରଣ ଯଥାକ୍ରମେ ସାମାଜିକ ନ୍ୟାୟ ପ୍ରତିଷ୍ଠା, କୃଷକମାନଙ୍କ ଅଧିକାର ସାବ୍ୟସ୍ତ ଏବଂ ଉଦାର ଅର୍ଥନୀତିର ପ୍ରବେଶ କ୍ଷେତ୍ରରେ ଉପରୋକ୍ତ ନେତା ତ୍ରୟଙ୍କ ଭୂମିକା ସର୍ବଦା ଅଗ୍ରଗଣ୍ୟ ହୋଇ ରହିବ। ଅବଶ୍ୟ, ଏହା ସତ ଯେ 'ଭାରତରତ୍ନ' ସମ୍ମାନ ପ୍ରଦାନରେ ରହି ଯାଇଥିବା ଅନେକ ଅସଂଗତିର ସଂଶୋଧନର ଉଦ୍ୟମ, ପ୍ରାୟ ପଇଁତିରିଶ ବର୍ଷ ତଳେ ଆରମ୍ଭ ହୋଇଯାଇଥିଲା, ଯହିଁରେ ୧୯୯୦ ମସିହାରେ ଡକ୍ଟର ବି. ଆର. ଆ??ମ୍ବେଦକର, ୧୯୯୧-୯୨ ମସିହାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏବଂ ମୌଲାନା ଆଜାଦ ପ୍ରଭୃତିଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

**ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
**ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ**
**ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ**

# ବଜେଟ୍‌ରେ ସାମାଜିକ କ୍ଷେତ୍ରକୁ ଉପେକ୍ଷା

**ଭାଲଚନ୍ଦ୍ର ଷଡ଼ଙ୍ଗୀ**



**ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ଓ ମହିଳା ବିକାଶ ଭଳି ସାମାଜିକ କ୍ଷେତ୍ରର ବିକାଶ ଯେକୌଣସି ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବୁଲେଟ୍ ଟ୍ରେନ, ଫ୍ଲାଇ ଓଭର, ସପିଙ୍ଗ୍ ମଲ୍ ଠାରୁ ବି ଅଧିକ ଗୁରୁତ୍ୱପୂର୍ଣ୍ଣ। ଦେଖିବାକୁ ଗଲେ ବିଶ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ବିକାଶ ଭଳି ମାନବ ବିକାଶର ସୂଚକାଙ୍କରେ ଭାରତର ସ୍ଥାନ ସବୁବେଳେ ତଳେ ରହି ଆସିଛି। ଯେକୌଣସି ସମ୍ବେଦନଶୀଳ ତଥା ଜନସପକ୍ଷବାଦୀ ସରକାର ଏହି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବା ସହ ସେଥିପାଇଁ ବଜେଟ୍‌ରେ ଅଧିକ ବ୍ୟୟବରାଦ କରିଥାଏ।**

କେନ୍ଦ୍ରର ମୋଦି ସରକାରଙ୍କ ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇତି ମଧ୍ୟରେ ୨୦୨୪-୨୫ ବର୍ଷ ପାଇଁ ମଧ୍ୟବର୍ତ୍ତୀ ବା କାମଚଳା ବଜେଟ୍ ଉପସ୍ଥାପିତ କରିଛନ୍ତି। ଆଉ କିଛି ମାସ ମଧ୍ୟରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ସାଧାରଣ ଭୋଟରଙ୍କୁ ଆକର୍ଷିତ କରିବା ଭଳି ଏହି ବଜେଟ୍‌ରେ ସରକାର ଅନେକ ଲୋଭନୀୟ ଘୋଷଣା କରିବେ ବୋଲି ଅନେକ ଆଶା କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀଙ୍କ ବଜେଟ୍ ଭାଷଣରୁ ସେଭଳି କିଛି ଦେଖିବାକୁ ମିଳିଲାନି। ବଜେଟ୍‌ରେ ଦେଶର ସାଧାରଣ ଜନତା ବିଶେଷ କରି କୃଷକ, ଶ୍ରମିକ, ଯୁବକ, ମହିଳା ଏପରିକି ମଧ୍ୟବିତ୍ତ ଶ୍ରେଣୀ ପାଇଁ ନା କୌଣସି ଆଶ୍ୱାସନା ନା କୌଣସି ନୂତନ ଯୋଜନା ଘୋଷଣା କରାଗଲା। ବରଂ ପୁଣି ଥରେ କ୍ଷମତାକୁ ଆସିବାର ଅତି ଆତ୍ମବିଶ୍ୱାସର ଶିକାର ହୋଇ ସରକାର ଦେଶବାସୀଙ୍କୁ ବଜେଟ୍‌ରେ ଖୁସି କରିବାକୁ କୌଣସି ଉଦ୍ୟମ କରି ନଥିବା ଦେଖିବାକୁ ମିଳିଛି।

ଅର୍ଥମନ୍ତ୍ରୀ ମୋଟ ୫୬ ମିନିଟ୍‌ର ବଜେଟ୍ ଭାଷଣ ମଧ୍ୟରୁ ୩୦ ମିନିଟ୍‌ରୁ ଉର୍ଦ୍ଧ୍ୱ ସମୟ କେବଳ ନିଜ ସରକାରର ଗତ ଦଶ ବର୍ଷର ଶାସନକାଳର ବିଭିନ୍ନ ଉପଲବ୍ଧିର ଏକ ଗୋଲାପି ଚିତ୍ର ପ୍ରଦର୍ଶିତ କରିବାକୁ ଉଦ୍ୟମ କରିଛନ୍ତି। ଗତ ଦଶବର୍ଷ ମଧ୍ୟରେ ଦେଶରେ ବଢ଼ି ଚାଲିଥିବା ଦରବୃଦ୍ଧି, ବେକାରୀ, ଆର୍ଥିକ ଅସମାନତା, କୃଷି ସଙ୍କଟ, କୃଷକ ଆତ୍ମହତ୍ୟା, ଯୁବ ଆତ୍ମହତ୍ୟା ଏପରିକି ଶ୍ରମିକ ଆତ୍ମହତ୍ୟା ଆଦି ସମ୍ପର୍କରେ ସାମାନ୍ୟ ଚର୍ଚ୍ଚା କି ଉଲ୍ଲେଖ ନକରି ସେ ତାକୁ କାର୍ପେଟ୍ ତଳେ ଲୁଚାଇବାକୁ ଚେଷ୍ଟା କରିଛନ୍ତି। ବଜେଟ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ମହିଳା ବିକାଶ ଆଦି କ୍ଷେତ୍ରରେ ବ୍ୟୟବରାଦ ବୃଦ୍ଧି କରାଯାଇ ନାହିଁ କି ଦେଶର କର୍ପୋରେଟ୍‌ମାନଙ୍କ ଉପରେ ଟିକସର ହାର ବଢ଼ାଇ ରାଜକୋଷକୁ ଅଧିକ ସୁଦୃଢ଼ କରିବାକୁ ଚେଷ୍ଟା ହୋଇନାହିଁ।

ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ଓ ମହିଳା ବିକାଶ ଭଳି ସାମାଜିକ କ୍ଷେତ୍ରର ବିକାଶ ଯେକୌଣସି ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବୁଲେଟ୍ ଟ୍ରେନ, ଫ୍ଲାଇ ଓଭର, ସପିଙ୍ଗ୍ ମଲ୍ ଠାରୁ ବି ଅଧିକ ଗୁରୁତ୍ୱପୂର୍ଣ୍ଣ। ଦେଖିବାକୁ ଗଲେ ବିଶ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ବିକାଶ ଭଳି ମାନବ ବିକାଶର ସୂଚକାଙ୍କରେ ଭାରତର ସ୍ଥାନ ସବୁବେଳେ ତଳେ ରହି ଆସିଛି। ଯେକୌଣସି ସମ୍ବେଦନଶୀଳ ତଥା ଜନସପକ୍ଷବାଦୀ ସରକାର ଏହି କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବା ସହ ସେଥିପାଇଁ ବଜେଟ୍‌ରେ ଅଧିକ ବ୍ୟୟବରାଦ କରିଥାଏ। କିନ୍ତୁ ପରିତାପର ବିଷୟ, ପୂର୍ବ ବର୍ଷ ଭଳି ଚଳିତ ବଜେଟ୍‌ରେ ମଧ୍ୟ ଦେଶର ସାମାଜିକ କ୍ଷେତ୍ର ଭୟଙ୍କର ଅବହେଳା ଓ ଅଣଦେଖାର ଶିକାର ହୋଇଛି। ଦେଶର ସବୁ ଲୋକଙ୍କ ଜୀବନକୁ ପ୍ରଭାବିତ କରୁଥିବା ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପରି ସାମାଜିକ କ୍ଷେତ୍ରକୁ ଯେତିକି ବ୍ୟୟବରାଦ କରିବା କଥା କରାଯାଇନି। ବରଂ ଅନେକ କ୍ଷେତ୍ରରେ ଗତ ବର୍ଷଠାରୁ କମ୍ ବ୍ୟୟବରାଦ କରାଯାଇଛି।

ଚଳିତ ବଜେଟ୍‌ରେ କେନ୍ଦ୍ର ସରକାରଙ୍କ ବହୁ ପ୍ରଚାରିତ ତଥା ସବୁଠାରୁ ବଡ଼ ବୀମାଭିତ୍ତିକ ସ୍ୱାସ୍ଥ୍ୟସେବା ଯୋଜନା 'ଆୟୁଷ୍ମାନ ଭାରତ' ବାବଦରେ ବ୍ୟୟବରାଦ ପୂର୍ବବର୍ଷ ତୁଳନାରେ ନାମକୁ ମାତ୍ର ଅର୍ଥାତ୍ ମାତ୍ର ୩୦୦ କୋଟି ଟଙ୍କା ବୃଦ୍ଧି କରାଯାଇଛି। ଗତବର୍ଷ ଏହି ପରିମାଣ ୭,୨୦୦ କୋଟି ରହିଥିବା ବେଳେ ଚଳିତ ବର୍ଷ ତାକୁ ୭,୫୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଅର୍ଥାତ୍ ସରକାର ଦେଶର ପ୍ରତ୍ୟେକ ନାଗରିକ ପିଛା ଏହି ଯୋଜନାରେ ବାର୍ଷିକ ମାତ୍ର ୫୩ ଟଙ୍କା ଖର୍ଚ୍ଚ କରୁଛନ୍ତି। ଦେଶର ୧୪୦ କୋଟି ସାଧାରଣ ଜନତାଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ମୋଦି ସରକାର କେତେ ଯେ ତତ୍ପର ତାହା ଏହି ନାମମାତ୍ର ବ୍ୟୟବରାଦରୁ ଉଜାଗର ହେଉଛି। ସରକାରଙ୍କ ଆଉ ଏକ ସ୍ୱାସ୍ଥ୍ୟ ଯୋଜନା 'ପିଏମ୍ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା'ରେ ଚଳିତ ବଜେଟ୍‌ରେ ଯେଉଁ ବ୍ୟୟବରାଦ କରାଯାଇଛି, ତାହା ଗତବର୍ଷ ତୁଳନାରେ କମ୍ ରହିଛି। ୨୦୨୩-୨୪ ବଜେଟରେ ଏ ବାବଦରେ ମୋଟ ୩,୩୬୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲେ ବି ପରେ ନୂଆ କରି ନିର୍ମିତ ହୋଇଥିବା ଏମ୍ସମାନଙ୍କ ଆବଶ୍ୟକତା ପୂରଣ ପାଇଁ ସରକାର ଏଥିରେ ଅତିରିକ୍ତ ୬,୮୩୫ କୋଟି ଟଙ୍କା ବରାଦ କରିଥିଲେ। ଅର୍ଥାତ୍ ସଂଶୋଧିତ ହିସାବରେ ଏହି ଯୋଜନାର ମୋଟ ଖର୍ଚ୍ଚ ୧୦,୨୦୦ କୋଟିକୁ ବୃଦ୍ଧି ପାଇଥିଲା। ପରନ୍ତୁ ଚଳିତ ବଜେଟ୍‌ରେ ଏ ବାବଦରେ ବ୍ୟୟବରାଦକୁ ବଢ଼ାଇବା ପରିବର୍ତ୍ତେ ୨୪୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି ଯାହାକି ଗତବର୍ଷର ବଜେଟ୍‌ର ବ୍ୟୟବରାଦଠାରୁ ବି ୩୫% କମ୍ ରହିଛି।

ଶିକ୍ଷା ବିଭାଗ ବି ଚଳିତ ବଜେଟ୍‌ରେ ଅଣଦେଖାର ଶିକାର ହୋଇଛି। ଶିକ୍ଷା ସମ୍ପର୍କିତ କିଛି ଯୋଜନାରେ ସରକାର ପୂର୍ବବର୍ଷ ତୁଳନାରେ ଖର୍ଚ୍ଚକାଟ କରିଥିବା ବେଳେ ଆଉ କିଛି ଯୋଜନାରେ ନାମକୁ ମାତ୍ର ବୃଦ୍ଧି କରିଛନ୍ତି ଯାହାକି ଦରବୃଦ୍ଧି ଅନୁପାତରେ କମିଛି ବୋଲି କୁହାଯିବ। ସରକାର ସ୍କୁଲଶିକ୍ଷା ପାଇଁ ଗତବର୍ଷ ସଂଶୋଧିତ ହିସାବରେ ୭୨,୪୭୩ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଚଳିତ ବଜେଟ୍‌ରେ ମାତ୍ର ୭୩,୦୦୮ କୋଟି ବରାଦ କରିଛନ୍ତି। ପିଏମ୍-ପୋଷଣ ରୂପେ ପରିଚିତ ସ୍କୁଲପିଲାଙ୍କ ମଧ୍ୟାହ୍ନ ଭୋଜନ ଯୋଜନାରେ ସରକାର ସଂଶୋଧିତ ହିସାବ ଅନୁଯାୟୀ ୧୨,୪୬୭ କୋଟି ଖର୍ଚ୍ଚ କରିଥିବା ବେଳେ ଚଳିତ ବଜେଟ୍‌ରେ ମାତ୍ର ୬,୦୫୦ କୋଟି ବରାଦ କରିଛନ୍ତି।

ସେହିପରି ଉଚ୍ଚଶିକ୍ଷା ବଜେଟ୍‌ରେ ସରକାର ଗତ ୨୦୨୩-୨୪ ବଜେଟ୍‌ରେ ୪୪,୦୯୪ କୋଟି ବରାଦ କରିଥିବା ବେଳେ ସଂଶୋଧିତ ହିସାବରେ ତାହା ୫୭,୨୪୪ କୋଟିକୁ ପହଂଚିଥିଲା। କିନ୍ତୁ ଚଳିତ ବଜେଟ୍‌ରେ ସରକାର ସେ ବାବଦରେ ମୋଟ ୪୭,୬୧୯ କୋଟି ବ୍ୟୟବରାଦ କରିଛନ୍ତି। ୟୁଜିସି ଓ ଏଆଇସିଟିଇ ବାବଦରେ ଗତବର୍ଷର ଅନୁଦାନ ୫,୭୮୦ କୋଟିରୁ ଚଳିତ ବର୍ଷ ୨,୯୦୦ କୋଟିକୁ ହ୍ରାସ କରାଯାଇଛି। ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ପ୍ରୋତ୍ସାହନ ଯୋଜନା (ପିଏମ୍-ୟୁଏସ୍‌ପି)ରେ ଗତବର୍ଷର ଅନୁଦାନରେ ମାତ୍ର ୪ କୋଟି ଟଙ୍କା ବୃଦ୍ଧି କରି ତାକୁ ୧,୫୫୮ କୋଟି କରାଯାଇଛି। ସେହିପରି ଭାରତୀୟ ଜ୍ଞାନବ୍ୟବସ୍ଥା ବାବଦରେ ଗତବର୍ଷର ଅନୁଦାନକୁ ଅଧା କରିଥିବା ବେଳେ ପିଏମ୍ ଛାତ୍ରୀନିବାସ ଯୋଜନାରେ ଗତବର୍ଷର ୧୦ କୋଟିରୁ ଚଳିତ ବଜେଟ୍‌ରେ ୨ କୋଟିକୁ ହ୍ରାସ କରଛନ୍ତି। ଛାତ୍ରମାନଙ୍କୁ ମୋଟ ଆର୍ଥିକ ସହାୟତା ଗତବର୍ଷର ୧,୯୫୪ କୋଟିରୁ ଚଳିତ ବର୍ଷ ୧,୯୦୮ କୋଟିକୁ ହ୍ରାସ ପାଇଛି।

ସରକାରଙ୍କ ସମ୍ବେଦନହୀନତାର ଆଉ ଏକ ପ୍ରମାଣ ହେଲା, ଦେଶର ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ଲୋକଙ୍କୁ ମିଳୁଥିବା ମାସିକ ସାମାଜିକ ସୁରକ୍ଷା ପେନସନ୍?ରେ ଆଦୌ ବୃଦ୍ଧି ନହେବା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜାତୀୟ ବୃଦ୍ଧାବସ୍ଥା ପେନସନ ଯୋଜନାରେ ୨୦୦୬-୦୭ ବଜେଟରେ କେନ୍ଦ୍ର ସରକାର ନିଜର ଅନୁଦାନ ରାଶିକୁ ମାସିକ ୧୫୦ ଟଙ୍କାକୁ ୨୦୦ ଟଙ୍କାକୁ ବୃଦ୍ଧି କରିଥିଲେ। ପରନ୍ତୁ ଗତ ୧୮ ବର୍ଷ ମଧ୍ୟରେ ଦେଶରେ ସାଂସଦ, ବିଧାୟକ ଓ ସରକାରୀ କର୍ମଚାରୀଙ୍କ ଦରମାରେ ବହୁଗୁଣ ବୃଦ୍ଧି ହୋଇଥିବା ବେଳେ ତଥା ବଜାରରେ ସମସ୍ତ ପ୍ରକାରର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍ ଅନେକ ଗୁଣ ବଢ଼ିଥିବା ସତ୍ତ୍ୱେ ସରକାର ଉପରୋକ୍ତ ପେନସନ୍ ରାଶିରେ ଟଙ୍କାଟିଏ ବି ବୃଦ୍ଧି କରିନାହାନ୍ତି। ନିଜର ଅନ୍ତିମ ବଜେଟ୍‌ରେ ବି ମୋଦି ସରକାର ସାମାଜିକ ସୁରକ୍ଷା ପେନସନରେ କୌଣସି ପ୍ରକାରର ବୃଦ୍ଧି ନକରି ଦେଶର କୋଟି କୋଟି ବୃଦ୍ଧ, ବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କୁ ପ୍ରତାରଣା କରିଛନ୍ତି ବୋଲି କୁହାଯାଇପାରେ।

ଦେଶର ସହରାଞ୍ଚଳରେ ଭଡ଼ାଘରେ ଅଥବା ବସ୍ତିରେ ରହୁଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କୁ ନିଜସ୍ୱ ଘର ନିର୍ମାଣ କରିବାକୁ ଅଥବା କିଣିବାକୁ ସହାୟତା କରିବାକୁ ଆମ ସରକାର ଏକ ଯୋଜନା ପ୍ରଣୟନ କରିବେ ବୋଲି ଅର୍ଥମନ୍ତ୍ରୀ ନିଜ ଭାଷଣରେ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଏହି ଯୋଜନା କେବେ କାର୍ଯ୍ୟକାରୀ କରାଯିବ ତା'ର କୌଣସି ଉଲ୍ଲେଖ ନାହିଁ କି ସେ ବାବଦରେ ବଜେଟରେ କୌଣସି ବ୍ୟୟବରାଦ ମଧ୍ୟ କରିନାହାନ୍ତି। କେବଳ ପିଏମ୍ ଆବାସ ଯୋଜନାରେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଦେଶର ଆଉ ଦୁଇ କୋଟି ପରିବାରକୁ ଘର ଯୋଗାଇ ଦିଆଯିବ ବୋଲି କହି ସରକାର ଚଳିତ ବଜେଟରେ ୮୦,୬୭୧ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ଯାହାକି ଗତ ବଜେଟ୍‌ର ଏ ବାବଦରେ ମୋଟ ବ୍ୟୟବରାଦ ୭୯,୦୦୦ କୋଟିଠାରୁ ସାମାନ୍ୟ ଅଧିକ।

ବଜେଟ୍‌ରେ ଦେଶର ମହିଳା, ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁ ଆଦି ସମାଜର ସବୁ ନିଷ୍ପେଷିତ ଗୋଷ୍ଠୀଙ୍କୁ ଅଣଦେଖା କରାଯାଇଛି। ସେମାନଙ୍କ ପାଇଁ କରାଯାଇଥିବା ବ୍ୟୟ ବରାଦଟି ଗତବର୍ଷଠାରୁ ବି କମ୍ ରହିଥିବା ଜଣାପଡ଼ିଛି। ଭୟଙ୍କର ବେକାରୀର ସାମନା କରୁଥିବା ଦେଶର ଯୁବକଯୁବତୀମାନଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ଦିଗରେ ବଜେଟ୍‌ରେ କୌଣସି ଯୋଜନା କିମ୍ବା ଘୋଷଣା ଦେଖିବାକୁ ମିଳିଲାନି। ଏପରିକି ଦେଶର ମଧ୍ୟବିତ୍ତ ଶ୍ରେଣୀ ପାଇଁ ମଧ୍ୟ କୌଣସି ଘୋଷଣା କରିବାରେ ବିଫଳ ହୋଇଛି। ଏଭଳି ପରିସ୍ଥିତିରେ ମୋଦି ସରକାରର ଚଳିତ ବଜେଟ୍‌କୁ ଦେଶର କୋଟି କୋଟି ସାଧାରଣ ଜନତାଙ୍କ ପାଇଁ କେବଳ ଏକ ଜନବିରୋଧି ଓ ନିରାଶାଜନକ ବଜେଟ୍ ବୋଲି କୁହାଯାଇପାରେ।

**ମୋ - ୯୪୩୭୧୬୬୩୯୧**

ଭାଗ-୧ । ସଂଖ୍ୟା-୧୩ । ଭୁବନେଶ୍ୱର । ୧୨ରୁ ୧୮ ଫେବୃଆରୀ ୨୦୨୪
Vol-1 | Issue-13 | Bhubaneswar | 12 to 18 February 2024

# ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ; ନିର୍ବାଚନୀ ବଣ୍ଡ ଅସାମ୍ବିଧାନିକ



**ନୂଆଦିଲ୍ଲୀ:** ନିର୍ବାଚନୀ ବଣ୍ଡ ସ୍କିମ୍ ଉପରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ଏହି ଯୋଜନାକୁ ଅସାମ୍ବିଧାନିକ ବୋଲି କହିବା ସହ ଏହାକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ପାଞ୍ଚ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ନିର୍ବାଚନୀ ବଣ୍ଡ ସ୍କିମ୍ ଲୋକଙ୍କର ସୂଚନା ଅଧିକାରକୁ କ୍ଷୁର୍ଣ୍ଣ କରୁଛି।

ରୈଜନୈତିକ ଦଳ ନିର୍ବାଚନୀ ଚାନ୍ଦା ଆକାରରେ ପାଉଥିବା ପାଣ୍ଠି ବାବଦରେ ଜାଣିବାର ଅଧିକାର ଲୋକଙ୍କର ଅଛି। କିନ୍ତୁ ନିର୍ବାଚନୀ ଫଣ୍ଡିଂ ସ୍କିମ୍ ଏହାକୁ ବିରୋଧ କରୁଛି। ତେଣୁ ଏହା ଲୋକଙ୍କ ସୂଚନା ଅଧିକାରକୁ ଉଲ୍ଲଂଘନ କରୁଛି। କଳା ଟଙ୍କା ରୋକିବା ଉଦ୍ଦେଶ୍ୟରେ ସୂଚନା ଅଧିକାରର ଉଲ୍ଲଂଘନ ଯଥାର୍ଥ ନୁହେଁ। ତୁରନ୍ତ ନିର୍ବାଚନ ବଣ୍ଡ ବନ୍ଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ ନିର୍ଦ୍ଦେଶନାମା ଜାରି କରି କହିଛନ୍ତି ଯେ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ମାର୍ଚ୍ଚ ୩୧ ସୁଦ୍ଧା ନିର୍ବାଚନ ବଣ୍ଡ ମାଧ୍ୟମରେ ପ୍ରଦାନ କରାଯାଇଥିବା ଆର୍ଥିକ ଅନୁଦାନର ସମସ୍ତ ବିବରଣୀ ଦାଖଲ କରିବ। ଏଥିସହ ଏପ୍ରିଲ ୧୩ ସୁଦ୍ଧା ସମସ୍ତ ତଥ୍ୟ ୱେବସାଇଟରେ ଶେଆର୍ କରିବାକୁ କୋର୍ଟ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ରାୟ ପ୍ରଦାନ କରିବାବେଳେ ମୁଖ୍ୟ ନ୍ୟାୟଧିଶ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି, 'ଆମେ ସର୍ବସମ୍ମତ କ୍ରମେ ଏହି ନିଷ୍ପତ୍ତିରେ ପହଞ୍ଚିଛୁ। ମୋର ନିଷ୍ପତ୍ତିକୁ ଜଷ୍ଟିସ ବିଆର ଗଭାଇ, ଜଷ୍ଟିସ ପରଦୀୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରା ସମର୍ଥନ କରିଛନ୍ତି। ଏଥିରେ ଦୁଇଟି ମତ ଆସିଥିଲା, ଗୋଟିଏ ମୋର ଏବଂ ଅନ୍ୟଟି ହେଉଛି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କର। ଯଦିଓ ଉଭୟ ମତର ଯୁକ୍ତିରେ ସାମାନ୍ୟ ପ୍ରାର୍ଥକ୍ୟ ରହିଛି, ତଥାପି ଉଭୟ ମତ ସମାନ ସିଦ୍ଧାନ୍ତରେ ପହଞ୍ଚିଛି'

**ଇଲେକ୍ଟୋରାଲ ବଣ୍ଡ ସ୍କିମ୍ କଣ ?**

କେନ୍ଦ୍ର ସରକାର ୨୦୧୭ରେ ନିର୍ବାଚନ ବଣ୍ଡ ସ୍କିମ୍ ଘୋଷଣା କରିଥିଲେ। ଏହି ସ୍କିମ୍ ୨୯ ଜାନୁୟାରୀ ୨୦୧୮ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହୋଇଥିଲେ। ଯଦି ଆମେ ସରଳ ଭାଷାରେ କହିବା, ତେବେ ରାଜନୈତିକ ଦଳମାନଙ୍କୁ ଅର୍ଥ ଦାନ କରିବାର ଏକ ମାଧ୍ୟମ ହେଉଛି ନିର୍ବାଚନୀ ବଣ୍ଡ। ଏହି ବଣ୍ଡକୁ ଭାରତର ଯେକୌଣସି ନାଗରିକ କିମ୍ବା କମ୍ପାନୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସିଲେକ୍ଟ ଶାଖାରୁ କିଣି ପାରିବେ ଏବଂ ନିଜ ପସନ୍ଦର କୌଣସି ରାଜନୈତିକ ଦଳକୁ ଦାନ କରିପାରିବେ। କିନ୍ତୁ ଏଥିରେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀର ନାମ ପ୍ରକାଶ କରାଯିବ ନାହିଁ, ଅର୍ଥାତ୍ ଏହା ଗୋପନ ରହିବ।

**କାହାକୁ ନିର୍ବାଚନୀ ବଣ୍ଡ ମିଳେ**

ଦେଶର ସମସ୍ତ ପଞ୍ଜୀକୃତ ରାଜନୈତିକ ଦଳ ଏହି ବଣ୍ଡ ପାଇବାକୁ ଯୋଗ୍ୟ। କିନ୍ତୁ ଏଥିପାଇଁ ଏକ ସର୍ତ୍ତ ରହିଛି। ଯଦି କୌଣସି ରାଜନୈତିକ ଦଳ ପୂର୍ବ ସାଧାରଣ ନିର୍ବାଚନରେ ଅତି କମରେ ଏକ ପ୍ରତିଶତ କିମ୍ବା ଅଧିକ ଭୋଟ୍ ପାଇଥିବ ତେବେ ସେ ନିର୍ବାଚନୀ ବଣ୍ଡ ପାଇପାରିବେ।

**ନିର୍ବାଚନୀ ବଣ୍ଡ ନେଇ କେନ୍ଦ୍ର ସରକାର କଣ କହନ୍ତି ?**

ସରକାରଙ୍କ କହିବାନୁସାରେ, ନିର୍ବାଚନୀ ବଣ୍ଡ ମାଧ୍ୟମରେ କଳା ଟଙ୍କାକୁ ରୋକାଯାଇପାରିବ ଏବଂ ନିର୍ବାଚନରେ ଦାନ ଦିଆଯାଇପାରିବ। ଏହା ନିର୍ବାଚନ ପାଣ୍ଠିରେ ଉନ୍ନତି ଆଣିବାରେ ସହାୟକ ହେବ। ନିର୍ବାଚନ ବଣ୍ଡ ଯୋଜନା ସ୍ୱଚ୍ଛ ବୋଲି କେନ୍ଦ୍ର ସରକାର ଏହାର କାଉଣ୍ଟର ଆଫିଡେଭିଟରେ କହିଛନ୍ତି।

**ନିର୍ବାଚନ ବଣ୍ଡକୁ ନେଇ ବିବାଦ କଣ ?**

କଂଗ୍ରେସ ନେତା ଜୟା ଠାକୁର, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଏବଂ ଏନଜିଓ ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର) ସମେତ ଚାରି ଜଣ ନିର୍ବାଚନୀ ବଣ୍ଡ ବିରୁଦ୍ଧରେ ଆବେଦନ କରିଥିଲେ। ଆବେଦନକାରୀଙ୍କ କହିବା କଥା ହେଉଛି, ନିର୍ବାଚନୀ ବଣ୍ଡ ମାଧ୍ୟମରେ ଗୁପ୍ତ ଭାବେ ଅର୍ଥ ଅନୁଦାନ, ନିର୍ବାଚନୀ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହା ମଧ୍ୟ ସୂଚନା ଅଧିକାରର ଉଲ୍ଲଂଘନ କରେ। ଏଥିରେ ଶେଲ କମ୍ପାନୀ ପକ୍ଷରୁ ଦାନ କରିବାକୁ ଅନୁମତି ମଧ୍ୟ ଦିଆଯାଇଛି। ଏହା ଉପରେ ରୋକ୍ ଲଗାଯାଉ।

**ସୁପ୍ରିମକୋର୍ଟରେ ନିର୍ବାଚନୀ ବଣ୍ଡ ମାମଲା**

ସୁପ୍ରିମକୋର୍ଟରେ ନିର୍ବାଚନୀ ବଣ୍ଡ ଉପରେ ଶୁଣାଣି ଗତ ବର୍ଷ ଅକ୍ଟୋବର ୩୧ରେ ଆରମ୍ଭ ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନା, ଜଷ୍ଟିସ ବି.ଆର ଗଭାଇ, ଜଷ୍ଟିସ ଜେ.ବି ପରଦୀୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରା ଏ ଉପରେ ବିଚାର କରିଥିଲେ। ଏହି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଢୁଥିବା ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଲୋକଙ୍କର ରୈଜନୈତିକ ଦଳ ଏବଂ ପ୍ରାର୍ଥୀଙ୍କ ବାବଦରେ ଜାଣିବାର ସମ୍ପୂର୍ଣ୍ଣ ଅଧିକରା ଅଛି, କିନ୍ତୁ ପାଣ୍ଠି ବାବଦରେ ଜାଣିବାର ସାଧାରଣ ଅଧିକାର ନାହିଁ। ଅକ୍ଟୋବର୩୧ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଉଭୟ ପକ୍ଷ ଏବଂ ବିରୋଧୀ ଦଳ ଦେଇଥିବା ଯୁକ୍ତିକୁ ଶୁଣିଥିଲେ କୋର୍ଟ। ତିନି ଦିନର ଶୁଣାଣି ପରେ ନଭେମ୍ବର ୨ରେ କୋର୍ଟ ଏ ଉପରେ ବିଚାର କରି ରାୟକୁ ସଂରକ୍ଷିତ ରଖିଥିଲେ, ଯାହା ପ୍ରକାଶ ପାଇଛି।

## ସୀମାରେ ଗୁଳିମାଡ଼ କଲା ପାକିସ୍ତାନ, ଦୃଢ଼ ଜବାବ ଦେଲା ଭାରତ

**ନୂଆଦିଲ୍ଲୀ:** କିଛି ଦିନର ବ୍ୟବଧାନ ପରେ ସୀମାରେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଛି ପାକିସ୍ତାନ। ଜମ୍ମୁ ସ୍ଥିତ ଅନ୍ତର୍ଜାତୀୟ ସୀମାରେ ପାକିସ୍ତାନ ସେନା ପକ୍ଷରୁ ଗୁଳିମାଡ଼ କରାଯାଇଛି। ସୀମାରେ ମୁତୟନ ହୋଇଥିବା ବିଏସ୍ଏଫ ଯବାନଙ୍କୁ



ଟାର୍ଗେଟ କରି ହୋଇଥିବା ଗୁଳି ମାଡ଼ରେ ଭାରତର କୌଣସି ପ୍ରକାରର କ୍ଷୟକ୍ଷତି ହୋଇନାହିଁ। ସେନା ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ରେଞ୍ଜର୍ସଙ୍କ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଙ୍ଘନ କରାଯାଇଥିଲା। ଏହାର ଜବାବ ମଧ୍ୟ ବିଏସ୍ଏଫ ଯବାନଙ୍କ ପକ୍ଷରୁ ଦିଆଯାଇଥିଲା। ସନ୍ଧ୍ୟା ୫.୫୦ରେ ଆରମ୍ଭ ହୋଇଥିବା ଗୁଳି ବିନିମୟ ଦୀର୍ଘ ୨୦ ମିନିଟ ଧରି ଚାଲିଥିଲା। ଏବେ ପରିସ୍ଥିତି ସ୍ୱାଭାବିକ ଥିବା ସେନା ପକ୍ଷରୁ କୁହାଯାଇଛି।

## ଆସ୍ଥା ଭୋଟ୍ ଜିତି ବର୍ଷିଲେ କେଜ୍ରିୱାଲ

**ନୂଆଦିଲ୍ଲୀ:** ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ନିଜ ଆଡୁ ଆସ୍ଥା ଭୋଟ୍ ପ୍ରସ୍ତାବ ଆଣି ଆଜି ଶକ୍ତି ପ୍ରଦର୍ଶନ କରିଛନ୍ତି। ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭାରେ ଆପ୍ ପାଖରେ ୬୨ଟି ଆସନ ଥିବା ପ୍ରମାଣ ଦେଇଛନ୍ତି। ବିଧାନସଭାରେ ଶକ୍ତି ପ୍ରଦର୍ଶନ ପରେ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ କେଜ୍ରିୱାଲ। ଆପ୍ ପୂର୍ଣ୍ୟର ରାଜନୀତି କରୁଛି, ବିଜେପି ପାପର ରାଜନୀତି କରୁଛି ବୋଲି କେଜ୍ରିୱାଲ କହିଛନ୍ତି।

ସେ ଆହୁରି କହିଛନ୍ତି, ବିଜେପିର ଭବିଷ୍ୟତ ବିପଦରେ। ସେଥିପାଇଁ ସେମାନେ ଆମକୁ ଭୟ କରୁଛନ୍ତି। କେନ୍ଦ୍ରରେ ବିଜେପି ସରକାର ଗଠନ ହେବା ପରେ ସେମାନେ ଆମକୁ ହଇରାଣ କରିଥିଲେ। କିନ୍ତୁ ୨୦୨୦ ଦିଲ୍ଲୀ ନିର୍ବାଚନରେ ୭୦ଟି ସିଟ୍ ମଧ୍ୟରୁ ଆପ୍ ପାଖକୁ ୬୨ଟି ଆସିଥିଲା। ଆଗକୁ ସେମାନେ ଦିଲ୍ଲୀର ପରାଜୟ ହଜମ କରିପାରିବେନି। ଗୋଟିଏ ରାଜ୍ୟରେ ବିଜେପି ମାଗଣା ବିଦ୍ୟୁତ୍ ଦେଇକି ଦେଖୁ, ଆପ୍ ପଞ୍ଜାବ ଏବଂ ଦିଲ୍ଲୀରେ ବିଦ୍ୟୁତ କାଟ୍ ଶୂନ୍ୟ କରିଦେଇଛି। ବିଜେପିକୁ ଆହ୍ୱାନ କରୁଛି ଗୁଜୁରାଟର ୧୦ଟି ବିଦ୍ୟାଳୟର ଉନ୍ନତି ଆଣିକି ଦେଖାଉ ବୋଲି କେଜ୍ରିୱାଲ କହିଛନ୍ତି।

କେଜ୍ରିୱାଲ କହିଛନ୍ତି, ଆମେ ଅତି ସାମାନ୍ୟ ଲୋକ, ଆମର କୌଣସି ସ୍ଥିତି ନଥିଲା। ଆମ ବିରୋଧରେ ବଡ ଷଡଯନ୍ତ୍ର କରାଯାଉଛି। କିନ୍ତୁ ଆମେ ଦୃଢ ଭାବରେ ଠିଆ ହୋଇଛୁ। କାରଣ କୋଟି କୋଟି ଲୋକଙ୍କ ପ୍ରାର୍ଥନା ଆମ ସହିତ ଅଛି। ବିଜେପି ସହ କେବଳ ଅଭିଶାପ ରହିଛି। ଯେକୌଣସି ବ୍ୟକ୍ତିଙ୍କ ଘରେ ରେଡ୍ କରୁଛନ୍ତି, ଗୋଟିଏ ବି ଟଙ୍କା ପାଉନାହାନ୍ତି। ଆମର ସମ୍ପତ୍ତି ଲୋକମାନଙ୍କ ହୃଦୟରେ ଅଛି, ଆପଣ ଯେଉଁଠାରେ ଖୋଜୁଛନ୍ତି, ସେଠାରେ ନାହିଁ ବୋଲି କେଜ୍ରିୱାଲ କହିଛନ୍ତି।

ସେ ଆହୁରି କହିଛନ୍ତି, ଆମ୍ ଆଦମୀ ପାର୍ଟି ପୁଣ୍ୟର ରାଜନୀତି କରେ, ବିଜେପି ପାପ ରାଜନୀତି କରେ। ଲୋକେ କଣ ଚାହୁଁଛନ୍ତି, ସେମାନଙ୍କୁ ସ୍ଥିର କରିବାକୁ ପଡିବ। ବିଜେପି ୨୦୨୪ ନିର୍ବାଚନ ଜିତିବା ପରେ ଦିଲ୍ଲୀ ବିଧାନସଭାକୁ ରଦ୍ଦ କରିବାକୁ ଚାହୁଁଛି। ଦିଲ୍ଲୀ କାହା ବାପାର ସମ୍ପତ୍ତି କି ? ଯିଏ ବିଧାନସଭାକୁ ଶେଷ କରିଦେବ।

# ଚିକେନ ଓ ଅଣ୍ଡା ଖାଉଥିଲେ ସାବଧାନ, ଲାଗିଲା ବ୍ୟାନ୍

**ନୂଆଦିଲ୍ଲୀ:** ସାଧାରଣତଃ ଅଧିକାଂଶ ଲୋକେ ଚିକେନ୍ ଓ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଚିକେନ୍ ଟିକା, ଚିକେନ୍ କୋରମା, ତନ୍ଦୁରି ଚିକେନ୍, ଚିକେନ୍ ଲଲିପପ୍ ଆଦି ବିଭିନ୍ନ କିସମର ରୋଷେଇ କରି ଏହାକୁ ଖାଇବାକୁ ପସନ୍ଦ କରନ୍ତି ଲୋକେ। କିନ୍ତୁ ଏବେ ଲୋକେ ଏସବୁ ଆଉ ଖାଇପାରିବେନାହିଁ। ଚିକେନ ଓ ଅଣ୍ଡା ବିକ୍ରି ଉପରେ ବ୍ୟାନ୍ ଲଗାଇଛନ୍ତି ସରକାର। ଏଥିସହ ସରକାରଙ୍କ ତରଫରୁ ଏକ ଆଡଭାଇଜରୀ ମଧ୍ୟ ଜାରି କରାଯାଇଛି।



ପୁଣି ଥରେ ଆତଙ୍କ ଖେଳାଇଛି ବାର୍ଡ ଫ୍ଲୁ। ଆନ୍ଧ୍ରପ୍ରଦେଶର ଅଧିକାଂଶ ଜିଲ୍ଲାରେ ବାର୍ଡ ଫ୍ଲୁ ଆତଙ୍କ ଦେଖାଦେଇଛି। ଏଥିପାଇଁ ହଜାର ହଜାର କୁକୁଡା ପ୍ରତିଦିନ ମରୁଛନ୍ତି। ବାର୍ଡ ଫ୍ଲୁ ବ୍ୟାପିବା ପରେ ଚିକେନ ଖାଇବା ଲୋକଙ୍କୁ ସରକାର ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ସମୟରେ ଚିକେନ ଖାଇବା ବନ୍ଦ କରିଦିଅନ୍ତୁ ବୋଲି ସରକାର ପରାମର୍ଶ ଦେଇଛନ୍ତି। ଏଥିସହ ଚିକେନ ବିକ୍ରି ଉପରେ ତିନି ମାସ ପାଇଁ ବ୍ୟାନ୍ ଲଗାଇଛନ୍ତି ଆନ୍ଧ୍ର ସରକାର।

ପ୍ରକୃତରେ ଆନ୍ଧ୍ରପ୍ରଦେଶର ନେଲୋର ଜିଲ୍ଲାରେ ଅଧିକାଂଶ କୁକୁଡା ଫାର୍ମରେ ବାର୍ଡ ଫ୍ଲୁ ବ୍ୟାପିଛି। ପୁଡଲକରୁ, କୋଭୁରୁ ଏବଂ ସାଇଦାପୁରମ ଅଞ୍ଚଳରେ ବହୁ ସଂଖ୍ୟକ କୁକୁଡ଼ା ମରିଯାଉଥିବା ଖବର ମିଳିଛି। ଫେବ୍ରୁଆରୀ ୭ ତାରିଖ ଭିତରେ ପ୍ରାୟ ୧୦ ହଜାର କୁକୁଡା ମରିଥିବା ଏକ ରିପୋର୍ଟରୁ ଜଣାପଡିଛି। ଜିଲ୍ଲା କର୍ତ୍ତୃପକ୍ଷ ଏଥିପାଇଁ ଭୋପାଳ ଲାବୋରେଟୋରୀକୁ ଚିକେନ ନମୂନା ପଠାଇଛନ୍ତି। ନମୂନା ପରୀକ୍ଷାରୁ ଅଧିକାଂଶ କୁକୁଡା ଠାରେ ଏଚ୍୫ ଏନ୍୧ ଜୀବାଣୁ ଚିହ୍ନଟ ହୋଇଥିବା ଜଣାପଡିଛି। କୁକୁଡାଙ୍କ ମୃତ୍ୟୁର କାରଣ ବାର୍ଡ ଫ୍ଲୁ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏଥିପାଇଁ ସରକାର ସତର୍କ ହୋଇ ପଡିଛନ୍ତି।

ଜିଲ୍ଲା ମାଜିଷ୍ଟ୍ରେଟ ପଶୁପାଳନ ବିଭାଗର ଅଧିକାରୀଙ୍କ ସହ ଜରୁରୀ ବୈଠକ କରିଛନ୍ତି। ବାର୍ଡ ଫ୍ଲୁ ବ୍ୟାପିବା ପାଇଁ ତୁରନ୍ତ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାର୍ଡ ଫ୍ଲୁ ହେତୁ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ଅଞ୍ଚଳଠାରୁ ଏକ କିଲୋମିଟର ଦୂରରେ ତିନି ମାସ ପର୍ଯ୍ୟନ୍ତ ଚିକେନ ବିକ୍ରି ଉପରେ ବ୍ୟାନ୍ ଲଗାଯିବା ସହ ଦୋକାନ ବନ୍ଦ କରିବାକୁ କଲେକ୍ଟର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁମାନେ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏଥିସହ ଲୋକଙ୍କୁ ଚିକେନ ଏବଂ ଅଣ୍ଡା ନ ଖାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ଅନ୍ୟପଟେ ଏହି ରୋଗର ପ୍ରସାରକୁ ରୋକିବା ପାଇଁ ପ୍ରଭାବିତ ଅଞ୍ଚଳରେ କୁକୁଡ଼ାମାନଙ୍କୁ ହତ୍ୟା କରାଯାଉଛି। ପଶୁପାଳନ ଅଧିକାରୀଙ୍କ କହିବାନୁସାରେ, ରାଜ୍ୟରେ ୭୨୧ ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ କରାଯାଇଛି। ସେଥିମଧ୍ୟରୁ ୩୭ଟି ଦଳ ନେଲୋର ଜିଲ୍ଲାରେ କାମ କରୁଛନ୍ତି।

# ପଂଚାୟତ ସମିତି ସହ ଜଡ଼ିତ ଅଫିସରମାନଙ୍କ ଆର୍ଥିକ କ୍ଷମତା ବଢ଼ିଲା

**ଭୁବନେଶ୍ୱର (ଭିଓଭି):** ପଂଚାୟତ ସମିତି ସହ ଜଡ଼ିତ ବୈଷୟିକ ଓ ପ୍ରଶାସନିକ ଅଧିକାରୀମାନଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଛି । ରାଜ୍ୟ କ୍ୟାବିନେଟ୍ ଏନେଇ ଅନୁମୋଦନ ପ୍ରଦାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ପଂଚାୟତ, ପଂଚାୟତ ସମିତି(ବ୍ଲକ୍) ଓ ଜିଲ୍ଲା ପରିଷଦସ୍ତରରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ପଂଚାୟତ ସମିତି ହିସାବ ପଦ୍ଧତି ନିୟମ-୨୦୦୨ରେ ବିଭିନ୍ନ ବୈଷୟିକ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ କ୍ଷମତା ପ୍ରଦାନ କରାଯାଇଛି । ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତାରେ କରାଯାଇଥିବା ସଂଶୋଧନ ଓ ମହାତ୍ମା ଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ରୋଜଗାର ଯୋଜନାରେ ଥିବା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସୁଗମ ତଥା ଠିକ୍ ସମୟରେ କାର୍ଯ୍ୟକାରୀ କରିବା ନିମନ୍ତେ ବିଭିନ୍ନ ବୈଷୟିକ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ଆର୍ଥିକ ମଞ୍ଜୁରୀ କ୍ଷମତା ବୃଦ୍ଧି ହୋଇଛି ।




ଏହି ପ୍ରସ୍ତାବ ଅନୁସାରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପର ବୈଷୟିକ ମଞ୍ଜୁରୀ କ୍ଷମତା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ସେହିପରି ନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ(ପଂଚାୟତିରାଜ)ଙ୍କୁ ଯଥାକ୍ରମେ ୧କୋଟି ଓ ୪କୋଟି ଟଙ୍କାର ବୈଷୟିକ ମଞ୍ଜୁରୀ କ୍ଷମତା ଏବଂ ୪କୋଟି ଟଙ୍କାରୁ ଅଧିକ ପ୍ରକଳ୍ପର ବୈଷୟିକ ମଞ୍ଜୁରୀ କ୍ଷମତା ମୁଖ୍ୟଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ ହୋଇଛି । ଏହାବ୍ୟତୀତ ପଂଚାୟତିରାଜ ବିଭାଗ ଦ୍ୱାରା କରାଯାଉଥିବା ପ୍ରକଳ୍ପଗୁଡ଼ିକରେ ଜିଲ୍ଲାପାଳମାନଙ୍କର ପ୍ରଶାସନିକ ଅନୁମୋଦନ କ୍ଷମତା ୫୦ଲକ୍ଷରୁ ୧କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ପଂଚାୟତିରାଜ ବିଭାଗ ତରଫରୁ ହେଉଥିବା ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ସେହିପରି ପରମ୍ପରାଗତ କାରିଗରୀ ଓ ପର୍ଯ୍ୟଟନସ୍ଥଳୀ ସମନ୍ୱିତ ଉନ୍ନୟନ(ଆଇଡିଏଚଏମଟିଡି) ଯୋଜନାକୁ ରାଜ୍ୟ ସରକାର ୨୦୨୧-୨୨ରେ ଆରମ୍ଭ କରିଥିଲେ । ଏହି ଯୋଜନାରେ ୧୫୯ଟି ପ୍ରକଳ୍ପ ନିଆଯାଇଛି । ଯାହାର ଆନୁମାନିକ ମୂଲ୍ୟ ୧୪୧୨.୭୯କୋଟି ଟଙ୍କା । ଏହି ଯୋଜନାର କାର୍ଯ୍ୟକାରିତା ୨୦୨୦-୨୧ରୁ ୨୦୨୬-୨୭କୁ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

ସେହିପରି ଓଡ଼ିଆ ଭାଷା,ସାହିତ୍ୟ,କଳା,ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ,ପରିଚାଳନା ନିମନ୍ତେ କାର୍ଯ୍ୟରତ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କ୍ୟାଡ଼ର ପୁର୍ନଗଠନ ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି ।

ଓଡ଼ିଶା ସଂସ୍କୃତି ଉନ୍ନୟନ ସେବା ନାଁରେ ଏକ ନୂଆ କ୍ୟାଡର ସୃଷ୍ଟି କରାଯାଇ ଆବଶ୍ୟକୀୟ ସଂସ୍କୃତି ଉନ୍ନୟନ ଅଧିକାରୀ, ସଂସ୍କୃତି ସହ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ ଆଦି ପଦବୀ ସୃଷ୍ଟି ହୋଇଛି । ଏହାଦ୍ୱାରା ପ୍ରତିଭାଧାରୀ ମାନବସମ୍ବଳଙ୍କ ଆବଶ୍ୟକତାକୁ ପୂରଣ କରାଯାଇପାରିବ ଓ ରାଜ୍ୟରେ କଳା,ଭାସ୍କର୍ଯ୍ୟ ଓ ଐତିହ୍ୟଗୁଡ଼ିକର ଉତ୍ତମ ରୂପେ ପରିଚାଳନା ହୋଇପାରିବ । ଏଥିପାଇଁ ବାର୍ଷିକ ଆନୁମାନିକ ୨.୧୭କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ କରାଯିବ ବୋଲି କ୍ୟାବିନେଟ୍ ନିଷ୍ପତ୍ତି ନେଇଛି ।

# ସମାଧାନ ହେଲା ୨୪ ବର୍ଷର ବିବାଦ; ମିଶିଲେ ଦୁଇ ଗାଁ

**ବାଲେଶ୍ୱର (ଭିଓଭି):** ରାଜନୀତିର ଛକି ଶୂନ ଖଳରେ ଛନ୍ଦି ହୋଇପଡ଼ିଲା ଗାଁ । ଯେଉଁଥିପାଇଁ ଭାଇଚାରାର ବନ୍ଧନ ଭାଙ୍ଗି ଯାଇଥିଲା । ଆଉ ମଣିଷ ଓ ମଣିଷ ଭିତରେ ସୃଷ୍ଟି ହୋଇଥିଲା ଘୃଣା ଓ ଈର୍ଷା । ଏହି ବିବାଦରୁ ଗୋଟିଏ ଶାନ୍ତିପ୍ରିୟ ଗାଁ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ପରସ୍ପର ଭିତରେ କଳହ ଲାଗୁଥିଲା । ୨୪ ବର୍ଷ ପରେ ସେହି ବିବାଦର ସମାଧାନ ହୋଇଛି । ଆଉ ଦୁଇଟି ଗାଁ ମିଶି ହୋଇଛି ଗୋଟିଏ ଗାଁ । ଏମିତି ଏକ ଗାଁ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଞ୍ଚଳରେ ।

ଜଳେଶ୍ୱର ଶିଖରପୁର ପଞ୍ଚାୟତର ଭାନୁପୁର ଗାଁ । ୧୭୫ ପରିବାର ବାସ କରନ୍ତି । ଲୋକ ସଂଖ୍ୟା ୭୧୮ରୁ ଅଧିକ ହେବ । ଭାଇଚାରା ଦୃଷ୍ଟିରୁ ଏକଦା ଭାନୁପୁର ସ୍ୱତନ୍ତ୍ର ପରିଚୟ ପାଇଥିଲା । ହେଲେ ରାଜନୈତିକ





ବିବାଦରେ ଛନ୍ଦି ହୋଇ ପଡ଼ିଲା ଏହି ଗାଁ । ୨୦୦୦ ମସିହାରେ ଦୁଇ ରାଜନୈତିକ ଦଳର ପାଇଁ ଶାନ୍ତିପ୍ରିୟ ଗାଁ ଦୁଇ ଭାଗରେ ବିଭକ୍ତ ହୋଇଯାଇଥିଲା । ସ୍ଥିତି ଏମିତି ହୋଇଥିଲା ଯେ ମହାଦେବଙ୍କୁ ଭାଗ ଭାଗ କରିଦେଲେ । ପାଖାପାଖି ଦୁଇଟି ଶିବ ମନ୍ଦିର ନିର୍ମାଣ କରିଥିଲେ । ଉଭୟ ଗୋଷ୍ଠୀ ଶିବ ମନ୍ଦିର ନାଁ ରଖିଥିଲେ 'ବାବା ଝାଡ଼େଶ୍ୱର' ।

ଅଲଗା ଅଲଗା ଶିବ ମନ୍ଦିର ନିର୍ମାଣ ହେବା ପରଠାରୁ ଗାଁ ଦୁଇ ଭାଗ ହୋଇଗଲା । ଦିନେ ଯେଉଁ ଗାଁ ଲୋକ ଏକତ୍ର ପର୍ବ ପର୍ବାଣୀ ପାଳୁଥିଲେ, ସେମାନେ ଅଲଗା ଅଲଗା ପାଳୁଛନ୍ତି । ପୂର୍ବ ପରି ଆଉ ଉତ୍ସାହ ନାହିଁ । ଖାଲି କାମ ଚଳା ପର୍ବ ପର୍ବାଣୀ ପାଳନ କରାଯାଉଛି । ଯାହାକୁ ନେଇ ଗାଁର ବରିଷ୍ଠ ନାଗରିକଙ୍କ ମଧ୍ୟରେ ଭାଜେଣି ପଡ଼ିଥିଲା । ୨୪ ବର୍ଷ ଧରି ଲାଗିଥିବା ବିବାଦର ସମାଧାନ ପାଇଁ ପ୍ରଚେଷ୍ଟା କରିଥିଲେ । ବିବାଦ ସମାଧାନ ପାଇଁ ଦୁଇ ପକ୍ଷର ବ୍ୟକ୍ତିଙ୍କୁ ଡାକି ଗୋଟିଏ ସ୍ଥାନରେ ବସାଇଥିଲେ ।

୨୦୨୪ ଜାନୁଆରୀ ୨୭ ତାରିଖରେ ଗାଁରେ ଗୋଟିଏ ସଭା ଆୟୋଜନ କରାଯାଇଥିଲା । ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦର ସମାଧାନ ବୈଠକରେ ନିଷ୍ପତ୍ତି ହୋଇଥିଲା । ତା'ପରେ ଦୁଇ ଗାଁ ମିଶି ପୂର୍ବପରି ଗୋଟିଏ ଗାଁରେ ପରିଣତ ହୋଇଗଲା । ସବୁ ବିବାଦର ଅବସାନ ଘଟିଲା । ଦୁଇଟି ଯାକ ଶିବ ମନ୍ଦିରରେ ଗାଁ ଲୋକମାନେ ଏବେ ପୂଜା କରିବେ । ଗାଁର ମୁଖ୍ୟ ପର୍ବ ପର୍ବାଣୀ ଏକ ସଙ୍ଗେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଗଲା । ଦୁଇ ମନ୍ଦିର ଦାୟିତ୍ୱ ଗାଁ କମିଟି ତୁଲାଇବାକୁ ନିଷ୍ପତ୍ତି ନିଆଯାଇଥିଲା । ଯେଉଁ କମିଟିରେ ସଭାପତି ଅଛନ୍ତି ବିଜୟ କୁମାର ପ୍ରଧାନ ଓ ସମ୍ପାଦକ ଅଛନ୍ତି କମଳାକାନ୍ତ ।

୨୪ ବର୍ଷର ବିବାଦ ସମାଧାନ ହୋଇଥିବାରୁ ଗାଁରେ ତିନି ଦିନିଆ ଶାନ୍ତି ନାମଯଜ୍ଞ ଓ ମହୋତ୍ସବ ଅନୁଷ୍ଠିତ ହୋଇଛି । ଏହି ଖୁସି ଖବର ପରେ ଗାଁରେ ଯଜ୍ଞ ଆରମ୍ଭ ହୋଇଛି । ଆଗାମୀ ୩ ଦିନ ପର୍ଯ୍ୟନ୍ତ ଚାଲିବ ।

# ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ମିଳିବ ମାସିକ ସ୍ୱତନ୍ତ୍ର ଭତ୍ତା

**ଭୁବନେଶ୍ୱର (ଭିଓଭି):** ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବାରେ ନିୟୋଜିତ ଡ୍ରାଇଭର, ମେଡିକାଲ ଟେକ୍ନିସିଆନ ଓ ହେଲପରଙ୍କୁ ସ୍ୱତନ୍ତ୍ର ମାସିକ ଭତ୍ତା ମିଳିବ । ଡ୍ରାଇଭରମାନଙ୍କୁ ମାସିକ ୫ହଜାର ଟଙ୍କା ଏବଂ ମେଡିକାଲ ଟେକ୍ନିସିଆନ୍ ଓ ହେଲପରଙ୍କୁ ୩ହଜାର ଟଙ୍କା ପ୍ରଦାନ କରାଯିବ । ସେମାନଙ୍କୁ ନିଜ ଦରମା ସହ ଏହି ବର୍ଦ୍ଧିତ ଭତ୍ତା ଚଳିତମାସରୁ ମିଳିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆମ୍ବୁଲାନ୍ସ ଡ୍ରାଇଭର ଓ ହେଲପରଙ୍କୁ ରାଜ୍ୟ ପାଣ୍ଠିରୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ନିମନ୍ତେ ମଞ୍ଜୁରୀ ଦେଇଛନ୍ତି । ସୂଚନା ଅନୁସାରେ, ୧୦୮




ଆମ୍ବୁଲାନ୍ସରେ ନିୟୋଜିତ ଡ୍ରାଇଭର ଓ ହେଲପରମାନେ ୨୪ଘଣ୍ଟିଆ କାର୍ଯ୍ୟ କରୁଛନ୍ତି ବିଶେଷକରି ମହାମାରୀ ଓ ପ୍ରତିକୂଳ ପରିସ୍ଥିତିରେ ସେମାନେ ଯେଉଁ କଠିନ ପରିଶ୍ରମ କରିଛନ୍ତି ତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କୁ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ୫ହଜାର ଟଙ୍କା ଏବଂ ମେଡିକାଲ ଟେକ୍ନିସିଆନ୍ ଓ ହେଲପରଙ୍କୁ ମାସିକ ୩ହଜାର ଟଙ୍କା ସ୍ୱତନ୍ତ୍ର ଭତ୍ତା ମିଳିବ । ଏବେ ସେମାନଙ୍କୁ ସର୍ବନିମ୍ନ ମଜୁରୀ ଅଧିନିୟମ ଆଧାରରେ ମୂଳ ଦରମା ପ୍ରଦାନ କରାଯାଉଛି । ସର୍ବନିମ୍ନ ମଜୁରୀରେ ଡ୍ରାଇଭର ଓ ମେଡିକାଲ ଟେକ୍ନିସିଆନଙ୍କୁ କୁଶଳୀ ଶ୍ରମିକ ଓ ହେଲପରଙ୍କୁ ଅର୍ଦ୍ଧକୁଶଳୀ ଶ୍ରମିକ ଭାବେ ବର୍ଗୀକୃତ କରାଯାଇଛି । ଏବେ ୧୦୮ ଆମ୍ବୁଲାନ୍ସ ସେବାରେ ରାଜ୍ୟରେ ୪୧୧ଟି ଏଏଲଏସ୍ ଆମ୍ବୁଲାନ୍ସ ଓ ୬ଟି ବୋଟ୍ ଆମ୍ବୁଲାନ୍ସ ସମେତ ମୋଟ ୧୩୬୭ଟି ଆମ୍ବୁଲାନ୍ସଟି କାର୍ଯ୍ୟକ୍ଷମ ରହିଛି । ପ୍ରତିମାସରେ ଏହି ଆମ୍ବୁଲାନ୍ସ ମାଧ୍ୟମରେ ପ୍ରାୟ ୧.୩ଲକ୍ଷ ରୋଗୀଙ୍କୁ ପ୍ରତିମାସରେ ଜରୁରୀ ସେବା ଓ ପରିବହନ ଯୋଗାଇ ଦିଆଯାଉଛି । ୨୦୧୩ ମାର୍ଚ୍ଚ ମାସରୁ ଓଡ଼ିଶାରେ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା କାର୍ଯ୍ୟକ୍ଷମ ହେଉଛି ।



# "SRI RAM AND RAM RAJYA: A TIMELESS TALE OF VIRTUE AND IDEAL GOVERNANCE"



Nihar Ranjan Acharya

> "Where there is *Sri Ram,* there blooms *Ram Rajya* – a realm where righteousness reigns, justice prevails, and harmony thrives."

**Introduction:**
In the tapestry of Hindu Mythology, the epic tale of Ramayana unfolds the timeless narrative of Sri Ram, the incarnation of Lord Vishnu, and his pursuit of establishing Ram Rajya – a utopian realm guided by righteousness and justice. The saga of Sri Ram and Ram Rajya symbolizes the embodiment of virtue and an enduring vision of an ideal governance system.

**Sri Ram – The Beacon of Virtue:**
Sri Ram, the prince of Ayodhya, is revered as the embodiment of dharma (righteousness) and virtue. His life's journey, from the princely comforts of Ayodhya to the challenges of exile in the forest and the ultimate battle in Lanka, exemplifies a commitment to moral values and ethical conduct. Sri Ram's character stands as a beacon for individuals seeking to navigate the complexities of life with integrity and honour.

**Ram Rajya – the Utopian Realm:**
Ram Rajya, often translated as the "Kingdom of Ram", represents an ideal state of governance where justice, equality, and righteousness prevail. According to Hindu scriptures, during Sri Ram's reign, the citizens experienced unparalleled peace and prosperity. The concept of Ram Rajya has transcended religious boundaries, becoming a universal symbol of an equitable and just society.

**The Tenets of Ram Rajya:**
1. Dharma-Based Governance:Ram Rajya is founded on the principles of dharma, where rulers govern with a sense of duty and moral responsibility towards their subjects.
2. Justice and Equality: In Ram Rajya, justice is meted out impartiality, and every citizen is treated with equality and fairness, irrespective of their social status.
3. Welfare and Prosperity: The citizens of Ram Rajya experience abundant prosperity and welfare, as the state focuses on the well-being of its people.
4. Leadership by Example:Sri Ram's leadership in Ram Rajya is characterized by his own adherence to virtuous conduct, serving as a role model for both rulers and subjects.

**The Relevance of Sri Ram and Ram Rajya Today:**
In a world marked by political and social complexities, the tale of Sri Ram and Ram Rajya continues to offer valuable insights. The principles of ethical governance, justice, and social harmony embedded in Ram Rajya provide a blueprint for leaders and citizens alike, urging them to strive for a society guided by morality and fairness.

**Conclusion:**
Sri Ram and the concept of Ram Rajya resonate beyond religious boundaries, captivating hearts with a narrative that transcends time. The epic tale serves as a reminder of the enduring values of righteousness, justice, and virtuous governance. As we reflect on the lessons embedded in the story of Sri Ram and Ram Rajya, we find inspiration to cultivate a world where virtue triumphs, and governance is guided by principles that lead to the establishment of an equitable and just society.



**Email: nihar.acharya@rediffmail.com, nihar.acharya1973@gmail.com**
**Ph.8249775817**
Copyright@ NiharRanjan Acharya

# ଅଙ୍ଗଦାତାଙ୍କ ପାଇଁ ସ୍ୱତନ୍ତ୍ର ସମ୍ମାନ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର (ଭିଓଭି):** ଅଙ୍ଗଦାତାଙ୍କ ପାଇଁ ସ୍ୱତନ୍ତ୍ର ସମ୍ମାନ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଉଥିବା ବ୍ୟକ୍ତିଙ୍କ ତ୍ୟାଗ ଓ ସାହସର ସ୍ୱୀକୃତି ସ୍ୱରୂପ ସେମାନଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନର ସହ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଘୋଷଣା କରିଛନ୍ତି। ଏହା ଦ୍ୱାରା ଅଙ୍ଗଦାନ କ୍ଷେତ୍ରରେ ବ୍ୟାପକ ସଚେତନତା ଆସିବା ସହିତ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଏହା ସମାଜକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।



ଅଙ୍ଗଦାନ ଏକ ମହତ ଦାନ। ମସ୍ତିଷ୍କ ମୃତ୍ୟୁ ଘଟୁଥିବା ଲୋକଙ୍କ କ୍ଷେତ୍ରରେ ସେମାନଙ୍କ ଆତ୍ମୀୟମାନେ ସାହସିକ ନିଷ୍ପତ୍ତି ନେଇ ଅଙ୍ଗଦାନ ପାଇଁ ସ୍ୱୀକୃତି ପ୍ରଦାନ କରି ଅନ୍ୟମାନଙ୍କ ଜୀବନ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।

ରାଜ୍ୟ ସରକାର ଏହି ଅଙ୍ଗ ପ୍ରତ୍ୟାରୋପଣ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ୨୦୧୯ ମସିହାରେ State Organ & Tissues Transplant Organization (SOTTO) ପ୍ରତିଷ୍ଠା କରିଛନ୍ତି। ଅଙ୍ଗଦାନକୁ ଉତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ୨୦୨୦ରୁ ସୁରଜ ପୁରସ୍କାର ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳର ସୁରଜଙ୍କ ନାମରେ ଏହି ପୁରସ୍କାର ପ୍ରଚଳନ କରାଯାଇଛି। ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ସୁରଜଙ୍କ ମସ୍ତିଷ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର ସୁରଜଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡିକ ୬ ଜଣ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥିଲା।

ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ଏଥି ସହିତ ପ୍ରତିବର୍ଷ ବିଶ୍ୱ ଅଙ୍ଗଦାନ ଦିବସ ଅଗଷ୍ଟ ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ଅଙ୍ଗଦାତାମାନଙ୍କ ନିକଟତମ ଆତ୍ମୀୟଙ୍କୁ ସମ୍ମାନିତ ମଧ କରୁଛନ୍ତି।

## ସବୁ ପଂଚାୟତରେ ରହିବେ ଆକାଉଣ୍ଟାଣ୍ଟ, ୭୧୪୨ଟି ନୂଆ ପଦବୀକୁ ମଞ୍ଜୁରୀ

**ଭୁବନେଶ୍ୱର (ଭିଓଭି):** ସବୁ ପଂଚାୟତରେ ଜଣେ ଲେଖାଏଁ ଆକାଉଣ୍ଟାଣ୍ଟ ରହିବେ । ଏହି ଆକାଉଣ୍ଟାଣ୍ଟ ମାନେ ଡାଟା ଏଣ୍ଟ୍ରିଂ ଅପରେଟର ଭାବେ ମଧ କାର୍ଯ୍ୟ କରିବେ । ଗ୍ରାମପଂଚାୟତର ପ୍ରଶାସନିକ ନିୟନ୍ତ୍ରଣରେ ରହି ଏମାନେ କାର୍ଯ୍ୟ କରିବେ । ଏଥିପାଇଁ ସ୍ୱତନ୍ତ୍ର ଭାବେ ୭୧୪୨ଟି ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରର ନୂଆ ପଦବୀ ସୃଷ୍ଟି କରାଯାଇଛି । ରାଜ୍ୟ କ୍ୟାବିନେଟ୍



ଏହି ନୂଆ ପଦବୀ ଓ ନିଯୁକ୍ତିପଦ୍ଧତି ସହ ସେବା ସର୍ତ୍ତାବଳୀକୁ ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଗ୍ରାମପଂଚାୟତକୁ ଅଧିକ ଜୀବନ୍ତ ଓ କାର୍ଯ୍ୟକ୍ରମ କରିବା ପାଇଁ ଓଡ଼ିଶା ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର (ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ-୨୦୨୪ ନାମକ ଏକ ନିୟମ ପ୍ରସ୍ତୁତ କରାଯାଇଛି । ଏହାସହିତ ୭୧୪୨ଟି ପଦବୀ ସୃଷ୍ଟି କରାଯାଇଛି ।

ପଂଚାୟତରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସହିତ ଜଡ଼ିତ ଥିବା ଗ୍ରାମ ରୋଜଗାର ସେବକଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ମୋଟ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟରର ୩୦% ପଦବୀରେ ସେମାନଙ୍କୁ ମନୋନୀତ କରାଯିବ । ବାକି ୭୦% ପଦବୀକୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗଙ୍କ ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ କରାଯିବ। ମାତ୍ର ଏକକାଳୀନ ଯୋଜନାରେ ଯେଉଁ ଗ୍ରାମରୋଜଗାର ସେବକମାନେ କ୍ରମାନ୍ୱୟନରେ ୫ବର୍ଷ କାର୍ଯ୍ୟ କରିଥିବେ ଓ ଅନ୍ୟାନ୍ୟ ଯୋଗ୍ୟତା ପୂରଣ କରୁଥିବେ ସେମାନଙ୍କୁ ଖାଲିଥିବା ସ୍ଥାନରେ ଅବସ୍ଥାପିତ କରାଯିବ ବୋଲି ଜଣାପଡ଼ିଛି ।

## ୨୧ ହଜାର କ୍ୱିଣ୍ଟାଲ୍ ଚାଉଳ ଫେରାଇଲେନି ୫ ମିଲ୍
# ଶେଷରେ ସିଲ୍ କଲା ପ୍ରଶାସନ

**ନବରଙ୍ଗପୁର (ଭିଓଭି):** ଧାନ ନେଇ ୨୧ ହଜାର ୪୪୯ କ୍ୱିଣ୍ଟାଲ୍ ଚାଉଳ ଫେରାଇଲେନି ୫ ମିଲ୍। ୨୦୨୨-୨୩ ବର୍ଷରୁ ଚାଉଳ ଫେରାଉ ନାହାନ୍ତି ମିଲ୍ କର୍ତ୍ତୃପକ୍ଷ। ଶେଷରେ କିଛି ଉପାୟ ନପାଇ ଆଜି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ରାଇସ୍ ମିଲ୍‌ରେ ଚଢ଼ଉ କରି ସିଲ୍ କରିଛି।



୨୦୨୨-୨୩ ଆର୍ଥିକ ବର୍ଷରେ ନବରଙ୍ଗପୁର ଜିଲ୍ଲାର ୫ଟି ରାଇସ୍ ମିଲ ମିଲିଂ ପାଇଁ ଧାନ ନେଇଥିଲେ। ହେଲେ ସେମାନେ ଚାଉଳ ଫେରାଇଲେ ନାହିଁ। ଚାଉଳ ନଫେରାଇବାରୁ ଜିଲ୍ଲା ପ୍ରଶାସନ ନୋଟିସ୍ ପରେ ନୋଟିସ୍ କରିଥିଲା। ହେଲେ ରାଇସ୍ ମିଲ୍ କର୍ତ୍ତୃପକ୍ଷ ବେଫିକର ଥିଲେ। ସେମାନେ ଧରାଛୁଆଁ ଦେଉନଥିଲେ। ଚାଉଳ ଫେରାଇଲେ ନାହିଁ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଯାଇଥିବା ଟିମ୍ ଦୁଇଟି ରାଇସ୍ ମିଲ୍ ସିଲ୍ କରିଛି। ପୂର୍ବରୁ ଦୁଇଟି ମିଲ୍ କରାଯାଇଥିଲା।

ନବରଙ୍ଗପୁର ସିଏସ୍‌ଓଙ୍କ କହିବା ଅନୁସାରେ ଝରିଗାଁ ବ୍ଲକ୍‌ରେ ଥିବା ଅର୍କେଶ ଯାଦବଙ୍କ 'ନବଦୁର୍ଗା ମଡର୍ଣ୍ଣ ରାଇସ୍ ମିଲ୍' ଓ ଓମ ପ୍ରକାଶ ଯାଦବଙ୍କ 'ଦୁର୍ଗା ରାଇସ୍ ମିଲ୍' ଚୁକ୍ତି ଖିଲାପ କରିଛନ୍ତି। ନବଦୁର୍ଗା ମଡ଼ର୍ଣ୍ଣ ରାଇସ୍ ମିଲ ମିଲିଂ ପାଇଁ ଧାନ ନେଇ ୪୫୦୦ କ୍ୱିଣ୍ଟାଲ୍ ଚାଉଳ ସରକାରଙ୍କୁ ଫେରାଇବା କଥା। ଚାଉଳ ଫେରାଇବାର ନିର୍ଦ୍ଧାରିତ ସମୟ ବିତି ଯାଇଥିଲେ ସୁଦ୍ଧା ସେମାନେ ଫେରାଇଲେ ନାହିଁ।

ସେହିଭଳି 'ଦୁର୍ଗା ରାଇସ ମିଲ୍' ମିଲିଂ ପାଇଁ ଧାନ ନେଇ ୧୨୦୦ କ୍ୱିଣ୍ଟାଲ୍ ଚାଉଳ ଫେରାଇବା କଥା। ଚାଉଳ ଫେରାଇବାର ନିର୍ଦ୍ଧାରିତ ସମୟ ବିତି ଯାଇଥିଲେ ସୁଦ୍ଧା ସେ ଫେରାଇ ନଥିଲେ। ତେଣୁ ଉକ୍ତ ଦୁଇଟି ମିଲକୁ ସିଲ୍ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ନେତୃତରେ ଯାଇଥିବା ଚଢ଼ଉ ଜାରି ରହିଥିଲା। ପୂର୍ବରୁ ନିୟମ ଖିଲାପ କରିଥିବା ଅଭିଯୋଗରେ ନବରଙ୍ଗପୁର ସଦର ବ୍ଲକ୍ ଅନ୍ତର୍ଗତ ନୂଆଗୁଡା ସ୍ଥିତ ଶ୍ରୀଶୁଭମ୍ ରାଇସ ମିଲ ଓ ଗୁପ୍ତେଶ୍ୱରୀ ଆମ୍ବା ରାଇସ ମିଲକୁ ପ୍ରଶାସନ ସିଲ୍ କରିଥିଲା।ନବରଙ୍ଗପୁର ସିଏସ୍‌ଓ ବେଣୁଧର ପାଣିଗ୍ରାହୀ କହିଛନ୍ତି, ଖିଲାପକାରୀ ମିଲ୍‌କୁ ସିଲ୍ କରାଯାଇ ସେମାନଙ୍କ ସିକ୍ୟୁଟି ଅର୍ଥକୁ ବାଜ୍ୟାପ୍ତି କରାଯିବ। ସେଥିରୁ ବାକିଥିବା ଚାଉଳ ଟଙ୍କା ଆଦାୟ କରାଯିବ।

# କୋରାପୁଟର ରାଜେନ୍ଦ୍ରଙ୍କୁ ପୁଅ କରିନେଲେ ସ୍ୱିଡେନ୍ ଦମ୍ପତି

**କୋରାପୁଟ (ଭିଓଭି):** କୋରାପୁଟ୍‌ର ରାଜେନ୍ଦ୍ରଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ସ୍ୱିଡେନ୍ ଦମ୍ପତି। ସରକାରୀ ନୀତି ନିୟମ ଅନୁସାରେ କାଗଜପତ୍ର କାମ ସରିବା ପରେ ଆଜି ସ୍ୱଦେଶ ଫେରି ଯାଇଛନ୍ତି। ରାଜେନ୍ଦ୍ରଙ୍କୁ ପାଇଥିବାରୁ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି ସ୍ୱିଡେନ୍ ଦମ୍ପତି କ୍ଲିଫର୍ଡ ଲୁକ୍ ଥୋମାସ ଓ ଚେରିଲ୍ କେ ଥୋମାସ୍। କୋରାପୁଟ ଜିଲ୍ଲା ଗୌଡ଼ଗୁଡ଼ା ସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ଅନୁଷ୍ଠାନର ଗେହ୍ଲା ପୁଅ ହେଉଛନ୍ତି ରାଜେନ୍ଦ୍ର। ସେ ସମସ୍ତଙ୍କର ଅତି ପ୍ରିୟ। ଗତ ୩ ବର୍ଷ ହେଲେ ସେ ସେଠାରେ ରହୁଥିଲେ। ତାଙ୍କର ଫଟୋ CARA (Central Adoption Resource Authority) ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଥିଲା। ଉଇଜଇରୁ ରାଜେନ୍ଦ୍ରଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ ସ୍ୱିଡେନ୍ ହାଗଗାଟନର ସ୍ଥାୟୀ ବାସିନ୍ଦା କ୍ଲିଫର୍ଡ ଲୁକ୍ ଥୋମାସ ଓ ତାଙ୍କ ପତ୍ନୀ ଚେରିଲ୍ କେ ଥୋମାସ୍। ଏହା ପରେ ସେମାନେ ଉଇଜଇ ସହିତ ଯୋଗାଯୋଗ କରିଥିଲେ। ପୋଷ୍ୟ ସନ୍ତାନ ପାଇଁ ଆବେଦନ କରିଥିଲେ।



ଭାରତ ସରକାରଙ୍କ ପକ୍ଷରୁ ଅନୁମତି ମିଳିବା ପରେ କ୍ଲିଫର୍ଡ ଲୁକ୍ ଥୋମାସ, ତାଙ୍କ ପତ୍ନୀ ଚେରିଲ୍ କେ ଥୋମାସ୍ ଓ ପିଲାମାନେ ଓଡ଼ିଶା ଆସିଥିଲେ। ସେମାନେ କୋରାପୁଟ୍ ଜିଲ୍ଲା ପ୍ରଶାସନ ପାଖରେ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବରଙ୍କ ଉପସ୍ଥିତିରେ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ହୋଇଥିଲା। କାଗଜପତ୍ର କାମ ସରିବା ପରେ ପୋଷ୍ୟ ସନ୍ତାନ ହସ୍ତାନ୍ତର କରାଯାଇଥିଲା। ରାଜେନ୍ଦ୍ରଙ୍କୁ ବିଦାୟ ଦେବା ବେଳେ ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ ଅନ୍ତେବାସୀ ଓ କେୟାର ଟେକର କୁନି କୁଲଦିପିଆ ଭାବବିହୋଳ ହୋଇଥିଲେ।

କ୍ଲିଫର୍ଡ ଲୁକ୍ ଥୋମାସ ଓ ଚେରିଲ୍ କେ ଥୋମାସ ରାଜେନ୍ଦ୍ରଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ତାଙ୍କର ପୂର୍ବରୁ ଦୁଇ ଝିଅ ଓ ଗୋଟାଏ ପୁଅ ରହିଛନ୍ତି। ଏକ ବଡ଼ ପରିବାରର ସ୍ୱପ୍ନ ନେଇ ରାଜେନ୍ଦ୍ରଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି ବୋଲି କ୍ଲିଫର୍ଡ ଲୁକ୍ ଥୋମାସ କହିଛନ୍ତି। ଏହା ଦ୍ୱାରା ସଂସ୍କୃତି ପରମ୍ପରାରେ ଭରପୁର ଭାରତ ଦେଶ ସହିତ ସମ୍ପର୍କ ରହିଲା ବୋଲି ଚେରିଲ୍ କେ ଥୋମାସ୍ କହିଛନ୍ତି।


ଭାଗ-୧ | ସଂଖ୍ୟା-୧୩ | ଭୁବନେଶ୍ୱର | ୧୨ରୁ ୧୮ ଫେବୃଆରୀ ୨୦୨୪
Vol-1 | Issue-13 | Bhubaneswar | 12 to 18 February 2024

### ବୃନ୍ଦାବନପୁର 'ପଞ୍ଚାୟତ ବ୍ୟାଙ୍କ ଗୃହ' ସ୍ଥାନାନ୍ତର ଘଟଣା

# କୁମ୍ଭକର୍ଣ୍ଣ ନିଦ୍ରାରେ ନୟାଗଡ ଜିଲ୍ଲାପାଳ

**ରଣପୁର (ଭିଓଭି):** ରଣପୁର ବ୍ଲକ ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମପଞ୍ଚାୟତରେ ହେଉଥିବା 'ପଞ୍ଚାୟତ ବ୍ୟାଙ୍କ ଗୃହ' ବେନିୟମ ଭାବେ ସ୍ଥାନାନ୍ତରକୁ ନେଇ ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନହୋଇପଡ଼ିଥିବାବେଳେ ଏବେ ଜୋରଜବରଦସ୍ତ ଗୃହ ନିର୍ମାଣ ଚାଲିଥିବା ଜଣାଯାଇଛି। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସାଙ୍ଗକୁ ବିବାଦ ବଢ଼ିବାରେ ଲାଗିଛି। ଅଭିଯୋଗ ମୁତାବକ ଲୋକମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ଉଦ୍ଦେଶ୍ୟରେ 'ପଞ୍ଚାୟତ ବ୍ୟାଙ୍କ ଗୃହ' ନିର୍ମାଣ ହେଉଛି। ସରକାରଙ୍କ ନିୟମ ଅନୁଯାୟୀ ପଞ୍ଚାୟତର ହେଡ୍ କ୍ୱାଟରରେ ଏହା ନିର୍ମାଣ କରାଯିବାର ନିୟମ ରହିଛି। ଆବଶ୍ୟକୀୟ ସ୍ଥଳେ ଯଦି ଜାଗାର ଅଭାବ ଥାଏ ତେବେ ପଞ୍ଚାୟତ ଅଧିନରେ ଅନ୍ୟ କୌଣସି ଗ୍ରାମରେ ଏହି ବ୍ୟାଙ୍କ ଗୃହ ନିର୍ମାଣ କରାଯାଇ ପାରିବ। ବୃନ୍ଦାବନପୁର ପଞ୍ଚାୟତରେ ଏଭଳି ଏକ ଗୃହ ନିର୍ମାଣ ନିମନ୍ତେ ସରକାରୀ ଅର୍ଥ ମଞ୍ଜୁର ହୋଇଛି କ୍ଷ ପଞ୍ଚାୟତର କେନ୍ଦ୍ର ସ୍ଥଳୀ ତଥା ପଞ୍ଚାୟତ ଗୃହ ନିକଟରେ ଗୃହ ନିର୍ମାଣ ନିମନ୍ତେ ଜାଗା ବି ରହିଛି। ଜାଗାର ପ୍ରମାଣ ସହ ଅଞ୍ଚଳ ବାସୀଙ୍କ ଜିଲ୍ଲାପାଳଙ୍କୁ ବାରମ୍ବାର ଅନୁରୋଧ ସତ୍ୱେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ପ୍ରରୋଚନାରେ ପଡି ଏହି ଗୃହ ପଞ୍ଚାୟତ ଠାରୁ ଅନତି ଦୂରରେ ଅର୍ଥାତ





Office of the Collector, Nayagarh
AT/PO - Nayagarh, PIN - 752069
Telephone No- 06753-252333

**Acknowledgement Letter**

Dated: 08-Feb-2024

To
Voice of victims
EB 24, Stage 5, Laxmisagar Brit colony, Bhubaneswa
Village : Brundabanpur
GP : Brundabanpur
Block : Ranpur
District : Nayagarh
State : Odisha

Dear Sir/Madam,

We are in receipt of your representation. Kindly note that your representation has been registered with the number **DM2024452441**, dated:**08-Feb-2024**, which should be quoted in all future correspondence. Information about action taken can be availed from the above office.

N.B.: It's a Computer Generated Copy, Doesn't require signature
Please visit this link https://janasunani.odisha.gov.in/complaint-status to check the status of your grievance

### ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ, ନିର୍ମାଣ ହେଉଛି ଗୃହ, ବଢୁଛି ବିବାଦ

ଲେଖନପୁର ଗ୍ରାମ ଠାରେ ନିର୍ମାଣ ହେଉଛି। ଏପରିକି ଯେଉଁ ସ୍ଥାନରେ ଉକ୍ତ ଗୃହ ନିର୍ମାଣ ହେଉଛି ସେହି ସ୍ଥାନର ଅତି ନିକଟରେ ଏକ ଓଡିଶା ଗ୍ରାମ୍ୟ ବ୍ୟାଙ୍କର ଶାଖା ରହିଛି। ଅପରପକ୍ଷେ ପଞ୍ଚାୟତ ନିକଟବର୍ତ୍ତୀ ସାତଟି ମୌଜା ଯଥା ବୃନ୍ଦାବନପୁର ସମେତ ବ୍ରଜସୁନ୍ଦରପୁର, ମଳିପଡ଼ା, ଗାଈଝର, ଅଁଳାପଲ୍ଲୀ, ଚାରପଲ୍ଲୀ, ପାଇକରାପୁର ଆଦି ଗାଁର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଅଭିଯୋଗ ହୋଇ ଆସୁଛି। ଏ ନେଇ ଗ୍ରାମବାସୀ ପ୍ରଥମେ ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ପୁଣି ଦ୍ୱିତୀୟ ଥର ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ। ଏପରିକି ଏ ନେଇ ରାଜ୍ୟର ଏକ ଜଣାଶୁଣା ସାମାଜିକ ସଂଗଠନ ଭାବେ ପରିଚିତ 'ଭଏସ ଅଫ ଭିକ୍ଟିମସ୍' ତରଫରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ତୁରନ୍ତ ଏହାର ସମାଧାନ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ଚିଠି ମାଧ୍ୟମରେ ଜିଲ୍ଲାପାଳ ଅଫିସରୁ ତାଗିଦ କରାଯାଇଥିଲା। ହେଲେ ଫଳ ଓଲଟା, ଯଥା ପୂର୍ବ ତଥା ପର ସଦୃଶ ଏବେ ଯୁଦ୍ଧ କାଳୀନ ଭିତ୍ତିରେ କାମ ଯୋରସୋର ଚାଲିଛି। ଯାହାକି ପଞ୍ଚାୟତରେ ଏକ ଚାପା ଉତ୍ତେଜନା ଲାଗିରହିଥିବା ଚର୍ଚ୍ଚା ହେଉଛି। ଫଳରେ ରେ ଅଞ୍ଚଳରେ ଅସନ୍ତୋଷ ବଢିବା ସାଙ୍ଗକୁ ଭାଇଚାରା ନଷ୍ଟ ହେବାରେ ଲାଗିଛି କ୍ଷ କିନ୍ତୁ ଏହାର ପ୍ରାଥମିକ ଅନୁସନ୍ଧାନ ପରେ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ରବୀନ ଚର୍ଚ୍ଚିଲ ମିଶ୍ର କହିଥିଲେ ହେଁ ଏହାର ପଦକ୍ଷେପ ନନେବାରୁ ଏବେ ଅଡୁଆ ଆଡ଼କୁ ଗତିକରୁଛି। ବେଳ ଥାଉ ଥାଉ ଏହାର ପ୍ରତିକାର କରାନଗଲେ ଆଗାମୀ ଦିନରେ ଏହା ବିସ୍ଫୋରକ ପରିସ୍ଥିତି ଉପୁଯିବ ବୋଲି ଚର୍ଚ୍ଚା ଯୋର ଧରିଛି। ତେବେ ବିଡ଼ିଓ ସୁଧୀର କୁମାର ନାୟକଙ୍କୁ ପଚାରିବାରେ ଏହାର ବ୍ୟବସ୍ଥା କରାଯିବ ବୋଲି ସଫେଇ ଦେଇଛନ୍ତି।

# ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ରଶ୍ମି ରଞ୍ଜନ ମହାରଥା
ପୁରୀ, ଜିଲ୍ଲା ପ୍ରତିନିଧି

ପୁରୀ (ଭିଓଭି) : ପବିତ୍ର ମାଘ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଶାସ୍ତ୍ର ଅନୁସାରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପୁତ୍ର ସାମ୍ବ ଏହି ଦିନ ଅର୍କକ୍ଷେତ୍ରରେ ସୂର୍ଯ୍ୟ ଦେବତାଙ୍କୁ ପୂଜାରେ ସନ୍ତୁଷ୍ଟ କରି ଚନ୍ଦ୍ରଭାଗାରେ ସ୍ନାନ କରିବା ପରେ ଶାପଗ୍ରସ୍ତ କୁଷ୍ଠ ରୋଗ ମୁକ୍ତ ହୋଇଥିଲେ। ତେଣୁ ପ୍ରତ୍ୟେକ ବର୍ଷ ମାଘ ଶୁକ୍ଳ ସପ୍ତମୀ ତିଥିରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ରେ ସ୍ନାନ କଲେ ମଣିଷ ରୋଗମୁକ୍ତ ହୋଇ ପୁଣ୍ୟ ଅର୍ଜନ କରେ ବୋଲି ଶ୍ରଦ୍ଧାଳୁ ମାନଙ୍କ ମନରେ ବିଶ୍ୱାସ ରହିଛି। ଚଳିତ ବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳାରେ ଏହି ବୁଡ଼ ପକାଇଛନ୍ତି। ବିଧି ମୁତାବକ ପ୍ରଥମେ ରାତ୍ର ୪ଟା ୩୪ ମିନିଟ ସମୟରେ ଐଶାନେଶ୍ୱର, ତ୍ରିବେଣୀଶ୍ୱର ଏବଂ ଦକ୍ଷିଣେଶ୍ୱର ତିନି ମହାଦେବ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିସାରିବା ପରେ ସାଧୁସନ୍ଥ ମାନେ ସ୍ନାନ କରିଥିଲେ ଏବଂ ତାପରେ ସାଧାରଣ ଶ୍ରଦ୍ଧାଳୁ ମାନେ ସ୍ନାନ କରିଥିଲେ।



କୋଣାର୍କ ଏବଂ ଚନ୍ଦ୍ରଭାଗା ତୀର୍ଥ ସହ ପୌରାଣିକ ସମ୍ବନ୍ଧ ଥିବା କୋଣାର୍କ ଅବଧୂତ ମଠର ମଠାଧୀଶ ଅବଧୂତ ଆଦିତ୍ୟ ଚରଣ ଦାଶ ପ୍ରତିକ୍ରିୟାରେ କହିଛନ୍ତି, ପୂର୍ବରୁ ଏଠାରେ ଚନ୍ଦ୍ରଭାଗା ନାମକ ଏକ ନଦୀ ଥିଲା। ସେହି ନଦୀ କୂଳରେ ଶ୍ରଦ୍ଧାଳୁ ମାନେ ରାତ୍ରିରେ ରହି ଶୁଖୁଆ ପକା ଡାଲମା ଭାତ ରୋଷେଇ କରି ଖାଇ ନଦୀ କୂଳରେ ହାଣ୍ଡି ବାଡେଇ ସକାଳୁ ସକାଳୁ ବୁଡ଼ ପକାଇଥାନ୍ତି। ଏବେ ଚନ୍ଦ୍ରଭାଗା ନଦୀଟି ଅତି ଜରାଜୀର୍ଣ୍ଣ ଅବସ୍ଥାରେ ଗୋଟିଏ କେନାଲ ର ରୂପ ନେଇ ବର୍ତ୍ତମାନ କରାଯାଇଥିବା ସ୍ନାନ କୁଣ୍ଡର ଉତର ଦିଗରେ ରହିଅଛି। ସରକାର ଯଦି ସେହି ଚନ୍ଦ୍ରଭାଗା ନଦୀଟିର ପୁନାରୁଦ୍ଧାର କରି ପାରନ୍ତେ ତାହେଲେ ଚନ୍ଦ୍ରଭାଗା ବୁଡ଼ ର ଅସଲ ମହତ୍ୱ ରୁହନ୍ତା। ଏବେ ଯେଉଁ ପୋଖରୀଟି ଖୋଳି ସେଥିରେ ବୁଡ଼ ପକାଇବାର ବ୍ୟବସ୍ଥା କରାଯାଉଛି, ବର୍ଷ ଯାକ ତାହା ପରିତ୍ୟକ୍ତ ଅବସ୍ଥାରେ ପଡିଥାଏ, କେବଳ ବୁଡ଼ ସମୟ ଆସିଲେ ସେଥିରୁ ଗୋଳିଆ ପାଣି ନିଷ୍କାସନ କରାଯାଇ ସମୁଦ୍ର ଏବଂ ବୋରିଙ୍ଗ ରୁ ନୂଆ ପାଣି ପୁରାଯାଇଥାଏ। ମାତ୍ର ଏ ବର୍ଷ ସେମିତି କିଛି ନ କରିବାରୁ ଶ୍ରଦ୍ଧାଳୁ ମାନେ ମାତ୍ର ଦୁଇ ଫୁଟ କି ଅଢ଼େଇ ଫୁଟ ଗୋଳିଆ ପାଣି ରେ ବୁଡ଼ ପକାଇଛନ୍ତି। ପୋଖରୀର ତଳ ଭାଗରୁ ପଙ୍କ କଢ଼ା ଯାଇ ନଥିବାରୁ ମାତ୍ର ଦୁଇଫୁଟ ପାଣି ଭିତରେ ହଜାର ହଜାର ଶ୍ରଦ୍ଧାଳୁ ଏକ ସମୟରେ ପଶି ଯିବା ଫଳରେ ପଙ୍କ ସବୁ ଘାଂଟି ହୋଇ ପାଣି ପୁରା ଗୋଳିଆ ହୋଇ ଯାଇଥିଲା। କେବଳ ଧର୍ମୀୟ ଭାବନା ନେଇ ଭକ୍ତମାନେ ଅନୋନ୍ୟପାୟ ହୋଇ ସେହି ଗୋଳିଆ ପଙ୍କ ପାଣିରେ ବୁଡ଼ ପକାଇଥିଲେ। ଆସନ୍ତା ବର୍ଷ ଏହି କଥାର ପୁନରାବୃତି ନହେବାପାଇଁ ଦୃଷ୍ଟି ଦେବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି।

ପବିତ୍ର କୁଣ୍ଡରେ ବୁଡ଼ ପାକାଇବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଅଛି। ଏଥିପାଇଁ ୩୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଅଛି। ୪ରୁ ଉର୍ଦ୍ଧ୍ୱ ଅତିରିକ୍ତ ଏସ୍‌ପି ଅଫିସର୍ସ ଏବଂ ୧୦ ରୁ ଉର୍ଦ୍ଧ୍ୱ ଡିଏସ୍‌ପିଙ୍କ ସମେତ ଅନ୍ୟାନ୍ୟ ଅଫିସର ମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହି କାର୍ଯ୍ୟ ନିର୍ବାହ କରୁଛନ୍ତି ବୋଲି ପୁରୀ ଏସ୍‌ପି ପିନାକ ମିଶ୍ର ପ୍ରକାଶ କରିଛନ୍ତି। ଏଥିପାଇଁ ପର୍ଯ୍ୟାପ୍ତ ପରିମାଣର ଲାଇଟ୍, ପାଣି, ଟୟଲେଟ୍ ଇତ୍ୟାଦିର ବନ୍ଦୋବସ୍ତ ପୂର୍ବ ପ୍ରସ୍ତୁତି ଅନୁସାରେ କରାଯାଇଅଛି ଏବଂ ଶ୍ରଦ୍ଧାଳୁ ମାନଙ୍କର ଯେପରି କିଛି ଅସୁବିଧା ନହେବ ସେଥିପ୍ରତି ପ୍ରଶାସନ ସଜାଗ ଅଛି ବୋଲି ଜିଲ୍ଲାପାଳ ବିଜୟ କୁମାର ଦାଶ ପ୍ରକାଶ କରିଛନ୍ତି।

# କେନ୍ଦ୍ରର ତାଗିଦ୍ : ଯୋଗ୍ୟ ଅଫିସର ଥାଇବି ଅସ୍ଥାୟୀ ପୁଲିସ ଡିଜି କାହିଁକି ?

**ଭୁବନେଶ୍ୱର (ଭିଓଭି):** ଯୋଗ୍ୟ ପୁଲିସ ଅଫିସର ଥାଇ ମଧ୍ୟ ରାଜ୍ୟ ସରକାର କାହିଁକି ପୂର୍ଣ୍ଣକାଳୀନ ପୁଲିସ ଡିଜି ନିଯୁକ୍ତି ଦେଉନାହାନ୍ତି ସେ ନେଇ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି କାହିଁକି ଅସ୍ଥାୟୀ ପୁଲିସ ଡିଜି ନିଯୁକ୍ତି ଦିଆଯାଇଛି ବୋଲି ଓଡ଼ିଶା ସରକାରଙ୍କୁ ଚିଠି ଲେଖି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପ୍ରଶ୍ନ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଥିବାରୁ କେନ୍ଦ୍ର ସରକାର ଏନେଇ ଓଡ଼ିଶା ସମେତ ମୋଟ ୭ଟି ରାଜ୍ୟର ମୁଖ୍ୟ ସଚିବଙ୍କୁ ଚିଠି ଲେଖି ତାଗିଦ୍ କରିଥିବା ଜଣାପଡ଼ିଛି।



ସୂଚନା ଅନୁସାରେ, ଗତ ସପ୍ତାହରେ ଓଡ଼ିଶା ସମେତ ମୋଟ ୭ଟି ରାଜ୍ୟର ମୁଖ୍ୟ ସଚିବଙ୍କୁ କେନ୍ଦ୍ର ଗୃହ ସଚିବ ଚିଠି ଲେଖି ଯୋଗ୍ୟ ଅଫିସର ଥିବା ସତ୍ତ୍ୱେ କାହିଁକି ସ୍ଥାୟୀ ଡିଜିପି ନିଯୁକ୍ତି ଦିଆଯାଉନି ବୋଲି ଜାଣିବାକୁ ଚାହିଁଛନ୍ତି। ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ସ୍ୱଷ୍ଟ ଭାବେ ଡିଜିପି ନିଯୁକ୍ତିକୁ ନେଇ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି 'କାର୍ଯ୍ୟକାରୀ ଡିଜିପି' ନିଯୁକ୍ତିରୁ ଦୂରେଇ ରହିବା ଉଚିତ୍ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟଗୁଡ଼ିକ ନିୟମିତ ଡିଜିପି ନିଯୁକ୍ତି ଅତିକମରେ ୨ବର୍ଷ ପାଇଁ ଦେବା ଜରୁରୀ । ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡରେ ଏବେ ସ୍ଥାୟୀ ଡିଜିପି ବଦଳରେ ଦୀର୍ଘଦିନ ଧରି ଅସ୍ଥାୟୀ ଡିଜି ରହିଛନ୍ତି । ଡିଜିଙ୍କ ଅବସରର ଅତିକମରେ ୬ମାସ ପୂର୍ବରୁ ନୂଆ ଡିଜିପି ନିଯୁକ୍ତିକୁ ନେଇ ଲୋକସେବା ଆୟୋଗ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ କରିବାର ପ୍ରାବଧାନ ରହିଛି । ତେବେ ରାଜ୍ୟଗୁଡ଼ିକ ନିର୍ଦ୍ଧାରିତ ଫର୍ମାଟରେ ପ୍ରସ୍ତାବ ଦେଉନଥିବାରୁ ଲୋକସେବା ଆୟୋଗ କିଛି ପଦକ୍ଷେପ ନେଇପାରୁନାହାନ୍ତି କିମ୍ବା ସ୍ଥାୟୀ ପୁଲିସ ମୁଖିଆ ନିଯୁକ୍ତି ସମ୍ଭବପର ହେଉନଥିବା ଦର୍ଶାଯାଇଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାର ୨୦୨୩ ଡିସେମ୍ବର ୩୦ତାରିଖରେ ରାଜ୍ୟର କାର୍ଯ୍ୟକାରୀ ଡିଜି ଭାବେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅରୁଣ ଷଡ଼ଙ୍ଗୀଙ୍କୁ ନିଯୁକ୍ତି ଦେଇଥିଲେ । ଡିଜିପି ସୁନୀଲ ବଂଶଲଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ରେ ଶେଷ ହୋଇଥିଲା। ରାଜ୍ୟର ୭ଜଣ ଆଇପିଏସଙ୍କ ବରିଷ୍ଠତାକୁ ପଛରେ ପକାଇ ରାଜ୍ୟ ସରକାର ଶ୍ରୀ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ ଡିଜି ପଦରେ ଆସୀନ କରାଇଛନ୍ତି। ତେବେ ରାଜ୍ୟ ଗୃହ ବିଭାଗ ସୂତ୍ର ଅନୁସାରେ, ପୁଲିସ ଡିଜି ଚୟନ ନିମନ୍ତେ ରାଜ୍ୟ ସରକାର ପ୍ରସ୍ତାବ ପଠାଇଥିବା ସତ୍ତ୍ୱେ କେନ୍ଦ୍ର ଲୋକସେବା ଆୟୋଗଙ୍କ ଦ୍ୱାରା ଡିଜିପି ପଦବୀ ନିମନ୍ତେ ୩ଜଣିଆ ସମ୍ଭାବ୍ୟ ଅଧିକାରୀଙ୍କ ନାଁ ଚୂଡ଼ାନ୍ତ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇପାରିନି। ଅବଶ୍ୟ ଆୟୋଗଙ୍କୁ ଦିଆଯାଇଥିବା ପ୍ରସ୍ତାବ ଅସମ୍ପୂର୍ଣ୍ଣ ଥିବାରୁ ଏପର୍ଯ୍ୟନ୍ତ ବୈଠକ ଡାକିନଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ଦେଢ଼ମାସରୁ ଅଧିକ ସମୟ ଧରି ରାଜ୍ୟରେ ସ୍ଥାୟୀ ଡିଜିପି ନାହାନ୍ତି। ଅରୁଣ ଷଡ଼ଙ୍ଗୀଙ୍କୁ ରାଜ୍ୟ ସରକାର କାର୍ଯ୍ୟକାରୀ ଡିଜିପି ଭାବେ ନିଯୁକ୍ତି ଦେଇଥିଲେ ମଧ୍ୟ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁରୂପ ୨ବର୍ଷ ପାଇଁ ସ୍ଥାୟୀ ଡିଜିପି ନିଯୁକ୍ତି ଦେବାରେ ଓଡ଼ିଶା ସରକାର ବିଫଳ ହୋଇଥିବା ଜଣାପଡ଼ିଛି।

## ପ୍ରତାପ ଜେନାଙ୍କ ଆବେଦନର ଶୁଣାଣିରୁ ଓହରିଲେ ବିଚାରପତି

**ଭୁବନେଶ୍ୱର (ଭିଓଭି):** ମାହାଙ୍ଗା ଡବଲ ମର୍ଡର କେଶରେ ହାଇକୋର୍ଟରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଆବେଦନର ଶୁଣାଣିରୁ ଓହରି ଯାଇଛନ୍ତି ବିଚାରପତି ଜଷ୍ଟିସ ବିପି ରାଉତରାୟ। ଏବେ ଏହି ମାମଲା ଅନ୍ୟ ଏକ ଖଣ୍ଡପୀଠରେ ଶୁଣାଣି କରାଯିବ ବୋଲି ଜଷ୍ଟିସ ରାଉତରାୟ କହିଛନ୍ତି। ତେବେ କେଉଁ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରିବେ, ସେନେଇ ମୁଖ୍ୟ ବିଚାରପତି ନିଷ୍ପତ୍ତି ନେବେ ବୋଲି ଜଷ୍ଟିସ ରାଉତରାୟ ସ୍ୱଷ୍ଟ କରିଛନ୍ତି। କେଉଁ କାରଣରୁ ଜଷ୍ଟିସ ରାଉତରାୟ ଏହି ନିଷ୍ପତ୍ତି ନେଲେ, ତାହା ସ୍ୱଷ୍ଟ ହୋଇନାହିଁ। ମାହାଙ୍ଗା ଡବଲ ମର୍ଡର କେଶ୍‌ରେ ପ୍ରତାପ ଜେନାଙ୍କ ବିରୋଧରେ ମାମଲା ଚଳାଇବାକୁ ସାଲେପୁର ଜେଏମ୍ଏଫ୍‌ସି ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରତାପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପ୍ରାରମ୍ଭିକ ଶୁଣାଣି କରି ପ୍ରତାପଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ଜଷ୍ଟିସ ରାଉତରାୟ ଗତ ନଭେମ୍ବର ୨ ତାରିଖରେ ଅଙ୍କୁଶ ଜାରି କରିଥିଲେ। ତେବେ ସେହି ଅନ୍ତରୀଣ ନିର୍ଦ୍ଦେଶ ପରବର୍ତ୍ତୀ ତାରିଖ ଯାଏ ବଳବତ୍ତର ରହିବ ବୋଲି ଜଷ୍ଟିସ ରାଉତରାୟ ନିର୍ଦ୍ଦେଶରେ ସ୍ୱଷ୍ଟ କରିଥିଲେ। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ୨୨ ଯାଏ ଜେଲ ହାଜତକୁ ଗଲେ ହେମନ୍ତ ସୋରେନ

**ନୂଆଦିଲ୍ଲୀ:** ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଆଜି ୨୨ ତାରିଖ ଯାଏ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ବିର୍ସା ମୁଣ୍ଡା କେନ୍ଦ୍ରୀୟ ଜେଲରେ ରହିବେ।

ଜମି ଜାଲିଆତି ଘଟଣାରେ ଗିରଫ ହୋଇଥିବା ହେମନ୍ତ ସୋରେନଙ୍କ ରିମାଣ୍ଡ ଅବଧି ଅବଧି ଆଜି ଶେଷ ହେଉଥିବାରୁ ତାଙ୍କୁ ଇଡି କୋର୍ଟରେ ହାଜର କରାଇଥିଲା। ତଦନ୍ତକାରୀ ସଂସ୍ଥା ଆଉ ରିମାଣ୍ଡ ପାଇଁ ଆବେଦନ କରି ନଥିବାରୁ କୋର୍ଟ ହେମନ୍ତ ସୋରେନଙ୍କୁ ୨୨ ଯାଏ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ପରେ



କଡ଼ା ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ ରାଞ୍ଚି ସ୍ଥିତ ଜେଲକୁ ନିଆଯାଇଛି।

ଜଣେ ଓକିଲ କହିଛନ୍ତି, ଇଡି ହେମନ୍ତ ସୋରେନଙ୍କୁ ହାଜର କରିବା ପରେ ମାତ୍ର ୨୦ ମିନିଟ ମଧ୍ୟରେ ଶୁଣାଣି ଶେଷ ହୋଇଥିଲା। କୋର୍ଟ ଶୁଣାଣି କରି ତାଙ୍କୁ ୨୨ ତାରିଖ ଯାଏ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ବରିଷ୍ଠ ଆଇନଜୀବୀ ତଥା ଝାରଖଣ୍ଡର ଏଜି ରଜୀବନ ରଞ୍ଜନ କହିଛନ୍ତି ଯେ ସେ ସୋରେନଙ୍କ ଜାମିନ ପାଇଁ ଖୁବଶୀଘ୍ର ଆବେଦନ କରିବେ। ରାଜୀବ କହିଛନ୍ତି, "ଇଡି ପକ୍ଷରୁ ଆଉ କୌଣସି ପ୍ରକାରର ଆବେଦନ କରାଯାଇ ନାହିଁ। ତେଣୁ ଆମେ ଖୁବଶୀଘ୍ର ହେମନ୍ତ ସୋରେନଙ୍କ ଜାମିନ ପାଇଁ ପିଟିସନ ଦାଖଲ କରିବୁ।"

ଜାନୁଆରୀ ୩୧ରେ ଇଡି ହେମନ୍ତ ସୋରେନଙ୍କୁ ଗିରଫ କରିଥିଲା। ଏହାପରେ ସେ ଦିନକ ପାଇଁ ବିଚାର ବିଭାଗୀୟ ହାଜତକୁ ଯାଇଥିଲେ। ଜେଲରେ ଗୋଟିଏ ଦିନ ରହିବା ପରେ ଇଡି ତାଙ୍କୁ ଦୁଇଟି ଦଫାରେ ରିମାଣ୍ଡରେ ନେଇ ଜେରା କରିଥିଲା।

## ରତ୍ନଭଣ୍ଡାର ଖୋଲିବା ପାଇଁ ଫିଟିଲା ବାଟ

**ଭୁବନେଶ୍ୱର (ଭିଓଭି):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପାଇଁ ଫିଟିଲା ବାଟ। ରତ୍ନଭଣ୍ଡାର ଖୋଲି ଏଥିରେ ଗଚ୍ଛିତ ଥିବା ରତ୍ନ ଅଳଙ୍କାର ହିସାବ ପାଇଁ କମିଟି ଅଧ୍ୟକ୍ଷ ନିଯୁକ୍ତି ପାଇଁ ୪ ସପ୍ତାହର ସମୟ ଦେଲେ ହାଇକୋର୍ଟ। ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଟିର ଅଧ୍ୟକ୍ଷ ନିଯୁକ୍ତି କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଆଡ୍‌ଭୋକେଟ୍ ଜେନେରାଲ କୋର୍ଟଙ୍କୁ ଅବଗତ କରିବା ପରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସମୀର ମହାନ୍ତିଙ୍କ ଅନ୍ତରୀଣ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ସମୀର ମହାନ୍ତିଙ୍କ ମୂଳ ଆବେଦନର ଶୁଣାଣି କରି ୮ ସପ୍ତାହ ମଧ୍ୟରେ ରତ୍ନଭଣ୍ଡାର ପାଇଁ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିବାକୁ ଗତବର୍ଷ ସେପ୍ଟେମ୍ବର ମାସରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୮ ସପ୍ତାହ ହେବା ପରେ ମଧ୍ୟ ରାଜ୍ୟ ସରକାର କୌଣସି




ପଦକ୍ଷେପ ଗ୍ରହଣ ନକରିବାରୁ ସମୀର ମହାନ୍ତି ଏହି ଅନ୍ତରୀଣ ଆବେଦନ କରିଥିଲେ। ଏହା ସହ ଏକ ଅଦାଲତ ଅବମାନନା ମାମଲା ମଧ୍ୟ ରୁଜୁ କରିଥିଲେ। କୋର୍ଟ କେବଳ ଅନ୍ତରୀଣ ଆବେଦନ ଉପରେ ଶୁଣାଣି କରାଯାଇଥିଲା। ତେବେ ଏହି ଶୁଣାଣି ଅବସରରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କାହିଁକି ପାଳନ କରାଯାଇ ନାହିଁ ବୋଲି ସରକାରଙ୍କୁ ପଚାରିଥିଲେ ମୁଖ୍ୟ ବିଚାରପତିଙ୍କ ଖଣ୍ଡପିଠ। ପ୍ରାଥମିକ ପର୍ଯ୍ୟାୟରେ କମିଟିର ଅଧ୍ୟକ୍ଷ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଅଧ୍ୟକ୍ଷ ନିଯୁକ୍ତି ହେବା ପରେ ତାଙ୍କ ସହମତିରେ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ ବୋଲି ଆଡଭୋକେଟ ଜେନେରାଲ କୋର୍ଟଙ୍କୁ ଅବଗତ କରିଥିଲେ। ଏହାକୁ ଶୁଣିବା ପରେ ଚାରି ସପ୍ତାହ ମଧ୍ୟରେ କମିଟି ଅଧ୍ୟକ୍ଷ ନିଯୁକ୍ତି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

CONTACT

6371417361 voiceofvictimsnews@gmail.com

www.voiceofvictims.co.in

Follow / Like / Subscribe :

Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**

**ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**